# ରୋକିଲେଣି ୭ ବାଲ୍ୟବିବାହ, ୬ଶହଙ୍କୁ କଲେଣି ସଚେତନ

- ଆଦିବାସୀ ଅଞ୍ଚଳରେ କିଶୋରୀଙ୍କ ପ୍ରେରଣା ଲିଲି କଣ୍ଡାଗରୀ
- ବାଲ୍ୟବିବାହ ବନ୍ଦ ସହ କରୁଛନ୍ତି ଶିକ୍ଷାର ପ୍ରଚାରପ୍ରସାର

**ରାୟଗଡ଼ା, ୭।୩ (ଭାଗ୍ୟଶ୍ରୀ ମିଶ୍ର)**

ଝିଅ ପୁଅ ସମାନ ବୋଲି ପ୍ରତ୍ୟକ ସ୍ଥାନରେ କୁହାଯାଉଥିଲେ ସୁଦ୍ଧା ଝିଅଙ୍କୁ ଆଜି ମଧ୍ୟ ନିଜ ପରିବାରରେ ସେତେଟା ସ୍ୱାଧୀନତା ମିଳୁନି। ବାହାଘର ନାମରେ ଝିଅଙ୍କୁ ପାଠ ପଢ଼ାରୁ ବଞ୍ଚିତ କରାଯାଏ। ମୁଖ୍ୟତ ଆଦିବାସୀ ତଥା ଅନୁନ୍ନତ ଅଞ୍ଚଳ, ଶିକ୍ଷାର ଅଭାବ ଥିବା ଗ୍ରାମରେ ଅଭିଭାବକ ନିଜ ଝିଅମାନଙ୍କୁ ବୟସ ପୂର୍ବରୁ ବାହାଘର କରାଇଥାନ୍ତି। ଠିକ୍ ଏହି ସମୟରେ ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅ ଲିଲି କଣ୍ଡାଗରୀ (୧୮) ଆଗକୁ ଆସି ବାଲ୍ୟ ବିବାହକୁ ବନ୍ଦ କରିବା ଏବଂ ଶିକ୍ଷାର ପ୍ରସାର ପ୍ରଚାର ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆଜି ସୁଦ୍ଧା ୬୦୦ରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ସଚେତନତା କରିବା ସହ ଅନେକ ଅଭିଭାବକ ଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛନ୍ତି। ଆଖପାଖ ଗାଁରେ ହେଉଥିବା ୭ ରୁ ଉର୍ଦ୍ଧ୍ୱ ବାଲ୍ୟ ବିବାହକୁ ସେ ଅଟକାଇଛନ୍ତି।

ଲିଲି କଣ୍ଡାଗରୀଙ୍କୁ ୨୦୨୨ରେ ତାଙ୍କ ପରିବାର ଲୋକେ ଜୋର ଜବରଦସ୍ତ ବାହାଘର ପାଇଁ ପ୍ରସ୍ତାବ ଠିକ କରି ନିର୍ବନ୍ଧ କରାଇ ଦେଉଥିଲେ। ଲିଲି ନିଜ ପରିବାରକୁ ବିରୋଧ କରି ପ୍ରଶାସନକୁ ଏନେଇ ଖବର ଦେଇ ଅଙ୍ଗନୱାଡି ଦିଦିଙ୍କୁ ସାଙ୍ଗରେ ନେଇ ନିଜ ବାହାଘର ବନ୍ଦ କରିଦେଲେ। ପାଠ ପଢ଼ିବା ପାଇଁ ମନବଳାଇଥିଲେ। ଲିଲିଙ୍କ ପରିବାର ଲୋକେ ଆର୍ଥିକଭାବେ ସ୍ୱଚ୍ଛଳ ନ ଥିବାରୁ ପଢ଼ାଇବାକୁ ମନା କରିଦେଲେ। ସେ ଗୁଣୁପୁରରେ ମହିଳା ସଶକ୍ତିକରଣ କ୍ଷେତ୍ରରେ କାମ କରି ଯାହାକିଛି ଉପାର୍ଜନ କଲେ ସେଥିରୁ ପାଠକଢ଼ିଲେ। ଜଣେ ଶିକ୍ଷୟିତ୍ରୀ ହେବା ଲକ୍ଷ୍ୟ ରଖି ଲିଲି ଏବେ ଗୁଣପୁର କଲେଜରେ ଯୁକ୍ତ ୩ ପଢୁଛନ୍ତି। ଏହାସହ ପରିବାର ଦାୟିତ୍ୱ ତୁଲାଉଛନ୍ତି। ପାଠପଢ଼ା ସାରି ଲକ୍ଷ୍ୟରେ ପହଞ୍ଚିବା ପରେ ବିବାହ କରିବେ ବୋଲି ସେ କହିଛନ୍ତି।



ଲିଲି କିଶୋରୀମାନଙ୍କୁ ସଚେତନ କରୁଛନ୍ତି।

ଏବେ କିପରି ଝିଅମାନେ ପାଠ ପଢ଼ି ସ୍ୱାବଲମ୍ବୀ ହେବେ, ବାଲ୍ୟ ବିବାହ କୁ ମନା କରିବେ ସେ ନେଇ ବିଭିନ୍ନ ଗ୍ରାମରେ ଲିଲି ସଚେତନ କରୁଛନ୍ତି। ଗ୍ରାମାଞ୍ଚଳର ଅନେକ ଝିଅଙ୍କୁ ଅଙ୍ଗନବାଡି କେନ୍ଦ୍ର ପକ୍ଷରୁ ବାଲ୍ୟ ବିବାହ କୁ ନା କହିବାକୁ ସଚେତନତା କରାଯାଏ। ଲିଲି ସେହି ବୈଠକରୁ ପ୍ରେରଣା ପାଇ ନେତୃତ୍ୱ ନେଇ ନିଜ ସ୍ୱଇଚ୍ଛାରେ ଏହି ସଚେତନତା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଛନ୍ତି। ଏଥିସହ ଏହି ଅଭିଯାନରେ ଆହୁରି ୭ ଜଣ ସାଙ୍ଗସାଥୀଙ୍କୁ ସାମିଲ ମଧ୍ୟ କଲେଣି। ସମସ୍ତେ ମିଶି ବାଲ୍ୟ ବିବାହ ରୋକିବାକୁ ପ୍ରୟାସ କରାଯାଉଛି। ଯେଉଁଠି ବିବାହ ଅଟକାଇବା ଅଧିକ ଜଟିଳ ହୁଏ ଅଙ୍ଗନୱାଡି ଆଶା ଦିଦିଙ୍କୁ ସାଙ୍ଗରେ ନେଇ କାମ କରୁ ବୋଲି କହିଛନ୍ତି। କେତେବେଳେ ଗାଳି ତ କେତେବେଳେ ପ୍ରଶଂସା ମିଳେ ବୋଲି ସେ କହିଛନ୍ତି। ଲିଲି ବାପାଙ୍କର ଅକାଳରେ ମୃତ୍ୟୁ ହେବା ପରେ ମା ଦିନ ମଜୁରିଆଭାବେ କାମ କରୁଛନ୍ତି। ଲିଲି ନିଜେ ପାଉଥିବା ଟଙ୍କାରୁ ପାଠ ପଢିବା ସହ ଘର ଖର୍ଚ୍ଚ କରନ୍ତି । ସେବେଠୁ ଝିଅ ପୁଅ କୌଣସି ଭେଦ ନାହିଁ ବୋଲି ଉପଲବ୍ଧି କରିଥିବା ଲିଲିଙ୍କ ମା କହିଛନ୍ତି ।

# ୧୯ଘରୋଇ ସିଲିଣ୍ଡର ଜବତ



ହୋଟେଲ ଉପରେ ଚଢ଼ାଉ କରାଯାଉଛି।

**ରାୟଗଡ଼ା,୭।୩(ଆଶିଷ ରଞ୍ଜନ ପଣ୍ଡା)**

**ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ**

ରାୟଗଡ଼ା ଉପଜିଲାପାଳ ରମେଶ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କ୍ୱାର୍ଡ଼ ଗଠନ ପରେ ଶୁକ୍ରବାର ବିଭିନ୍ନ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରି ୧୯ ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଛି ଜିଲା ଯୋଗାଣ ବିଭାଗ । ଗ୍ରାଣ୍ଡ ଡିଲାଇଟ୍, ହୋଟେଲ ଅମ୍ବିକା, ନବୀନ, ଜୟ ହନୁମାନ, ସନ୍ତୋଷୀ, ହର୍ଷ ଆଗ୍ରୋ ଇଞ୍ଜିନିୟରିଂ ଏବଂ ସାଇବାବା ଇଞ୍ଜିନିୟରିଂ ଆଦି ସ୍ଥାନରେ ଚଢ଼ାଉ କରି ସିଲିଣ୍ଡର ଜବତ କରାଯାଇଛି । ଅତିରିକ୍ତ ଯୋଗାଣ ଅଧିକାରୀ ସୁହଂସ ଭୋଇଙ୍କ ନେତୃତ୍ୱରେ ଏମ୍ଆଇ ପ୍ରଭଞ୍ଜନ ମହାନ୍ତି, ମାନସ ରଞ୍ଜନ ସୁନା, ଅନିଲ କୁମାର ଗମାଙ୍ଗ ଓ ମହେନ୍ଦ୍ର ରାୟ ପ୍ରମୁଖ ସାମିଲ ଥିଲେ । ଯଦି ନିୟମିତ ଭାବେ ଯାଞ୍ଚ କରାଯାଏ ତେବେ ବ୍ୟବସାୟିକ କ୍ଷେତ୍ରରେ ଘରୋଇ ବଦଳରେ କର୍ମସିଆଲ ସିଲିଣ୍ଡର ବ୍ୟବହାର ହେବ ଏବଂ ରାଜସ୍ୱ ବଢ଼ିବ ବୋଲି ଲୋକେ କହିଛନ୍ତି ।

**ସଂକ୍ଷେପରେ**

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍



**ରାୟଗଡ଼ା,୭।୩(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହର କୋରାପୁଟ ଛକରେ ଶୁକ୍ରବାର ଭୋରରୁ ଏକ ଟ୍ରକ୍ ଓଭରଲୋଡିଂ ପାଇଁ ୩୨୬ ନମ୍ବର ଜାତୀୟ ରାଜପଥରେ ଓଲଟିଥିବା ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ରୁ କାଠ ବୋଝେଇକରି ଟ୍ରକ ନମ୍ବର ଏପି-୧୬-ଟିଡି-୪୩୫୬ ଜେକେ କାଗଜକଳକୁ ଯାଉଥିଲା। ତେବେ ଓଭରଲୋଡିଂ ପାଇଁ ଟ୍ରକ୍ ଭାରସାମ୍ୟ ହରାଇ ସହର ଭିତରେ ଓଲଟି ପଡିଥିଲା। ଦୁର୍ଘଟଣା ଭୋର ପ୍ରାୟ ୩ ଟାରେ ହୋଇଥିବା ଓ ରାଜପଥରେ ଲୋକଙ୍କ ଯାତାୟାତ ନ ଥିବାରୁ କାହାରି କିଛି କ୍ଷତି ଘଟିନାହିଁ। ରାସ୍ତା ପାର୍ଶ୍ୱରେ ଥିବା ରେଳ ବିଭାଗ ପାଚେରି ଉପରେ ଗାଡ଼ି ଓଲଟି ପଡ଼ିବାରୁ ଭାଙ୍ଗିଯାଇଥିବା ଦେଖାଯାଇଛି। ଅପରାହ୍ନରେ କ୍ରେନ୍ ସହାୟତାରେ ଟ୍ରକ୍ ରାଜପଥରୁ ଉଠିଥିଲା।

# ରେଳ ପ୍ରକଳ୍ପ ଉନ୍ନତୀକରଣ କ୍ରିୟାନୁଷ୍ଠାନ କମିଟି, ବିକାଶ ପରିଷଦ ମୁଖ୍ୟଙ୍କ ପଦ୍ମପୁର ପରିଦର୍ଶନ

**ପଦ୍ମପୁର, ୭।୩(ପ୍ରଶାନ୍ତ କୁମାର କର)**

ଦକ୍ଷିଣ ଓଡ଼ିଶା ରେଳ ପ୍ରକଳ୍ପ ଉନ୍ନତିକରଣ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଠାକୁର ବିନୋଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ଡ. ବାଳକୃଷ୍ଣ ପଣ୍ଡା ଗତକାଲି ପଦ୍ମପୁର ଅଞ୍ଚଳ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଗତକାଲି ପଦ୍ମପୁରରେ ପହଁଞ୍ଚିବା ପରେ ତାଙ୍କୁ ପଦ୍ମପୁର ବିକାଶ ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା,ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ ଓ ଅଞ୍ଚଳବାସୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଗୁମୁଡା,ବିଚିକୋଟ,ନାଇରା,ଗୁଡାରି,ଏମକେ ରାଇ,ଗୁଡିଆବନ୍ଧ ଓ ଜିରା ଆଦି ଗ୍ରାମ ପରିଦର୍ଶନ କରି ପଦ୍ମପୁରସ୍ଥିତ ଆର୍ଯ୍ୟନ ସ୍କୁଲ ସଭାଗୃହରେ ଏକ ବୈଠକରେ ଯୋଗ ଦେଇଥିଲେ। ଗୋପାଳପୁରଠାରୁ ରାୟଗଡ଼ା ଏବଂ ଗୁଣପୁରରୁ ଥେରୁବାଲି ପର୍ଯ୍ୟନ୍ତ ରେଳପଥ ପଦ୍ମପୁର ଏବଂ ଗୁଡ଼ାରି ମଧ୍ୟ ଦେଇ ଯାତାୟାତ କରିବା ଏବଂ ବଂଶଧାରା ନଦୀ ତଟ ଅଞ୍ଚଳରେ ଶିଳ୍ପ କଳ କାରଖାନା ଗଢ଼ିବା ପାଇଁ ସେମାନେ ବିଶିଷ୍ଟ ଶିଳ୍ପପତି ଆଦାନୀ ଗ୍ରୁପ୍ ସହ ଆଲୋଚନା କରିଥିବା ସୂଚନା ଦେଇଥିଲେ। ଏହାଦ୍ୱାରା ଲୋକେ ଓ ଯୁବକମାନେ ବେକାରୀ ସମସ୍ୟାରୁ ମୁକ୍ତ ହୋଇପାରିବେ ବୋଲି କହିଥିଲେ। ଗତ ଦିନରେ ପଦ୍ମପୁର ଅଞ୍ଚଳର ଯୁବ ଚାଷୀ ନେତା ରାଜୀବ ସାହୁ,ଦାସରଥୀ ସେନାପତି ଓ ବୁଦ୍ଧିଜୀବି ଉଦୟ ଚନ୍ଦ୍ର ସାହୁ ଓ ପଦ୍ମପୁର ଉନ୍ନୟନ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଦିଲ୍ଲୀ ଗସ୍ତ କରି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଧର୍ମେନ୍ଦ୍ର ପ୍ରଧାନ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଲିଖିତ ଭାବେ ଦାବି ଉପସ୍ଥାପନ କରିଥିଲେ। ବୈଠକରେ ପୂର୍ବତନ ସରପଞ୍ଚ ଜୟଶଙ୍କର ମିଶ୍ର, ଗଦାଧର ପାଣିଗ୍ରାହୀ,ହରିଶରଣ ଦାଶ, ବରିଷ୍ଠ ଆଇନଜୀବି ସରୋଜ ପାଣିଗ୍ରାହୀ, ରାୟଗଡ଼ା ଜିଲା ବିଶ୍ୱଦେବ ସମାଜ ସଭାପତି ପ୍ରଶାନ୍ତ କୁମାର କର, ଖବରଦାତା ରବିନ୍ଦ୍ର ମହାପାତ୍ର, ଆଇନଜୀବି ନିଖିଳ ପାଣିଗ୍ରାହୀ, ରଘୁନନ୍ଦନ ପାଢ଼ୀ, କୈଳାସ ପଣ୍ଡା, ନଚିକେତା ସାହୁ, ଜଗନ୍ନାଥ ପାଣିଗ୍ରାହୀ,ବିଜୟ ମିଶ୍ର, ଏମ୍.ଗୌତମ ଓ କୈଳାସ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସିଙ୍ଗୁବାଇ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗୁଣପୁର,୭।୩(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ସିଙ୍ଗୁବାଇଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସବିତା ଲିମାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ରୂପେ ସ୍କୁଲର ପରିଚାଳନା ସଭାପତି ଭୁବନ ଅଧିକାରୀ, ୱାର୍ଡ ମେମ୍ବର ବିଡ଼ିକା ଲକ୍ଷ୍ମୀ, ଗ୍ରାମର ମୁଖ୍ୟ କେଶବ ଅଧିକାରୀ ଓ ଖୁଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ଭଲ ପାଠ ପଢିବା ସହ ଦେଶ ଗଠନର ସହାୟକ ହେବା ପାଇଁ ଅତିଥିମାନେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଓ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ପ୍ରାଞ୍ଜଳୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକଶ୍ରୀନିବାସ ରାଓ, ସୁଶାନ୍ତ ମହାପାତ୍ର ଓ ପ୍ରମିଳା ପଣ୍ଡା ସହଯୋଗ କରିଥିଲେ।

# ଜିଲାସ୍ତରରେ ପ୍ରଶଂସିତ ହେଲେ ୫ ଶିକ୍ଷକ




ପ୍ରଶଂସା ପତ୍ର ସହ ଶିକ୍ଷକ, ସିଆରସିସି ଓ ଶିକ୍ଷାର୍ଥୀ।

**ଗୁଡାରି, ୭।୩(ପ୍ରମୋଦ କୁମାର ପତି)**

ରାୟଗଡାରେ ଆୟୋଜିତ ଜିଲାସ୍ତରୀୟ ନିପୁଣ ଓଡିଶା ମେଳାରେ ପ୍ରଶଂସିତ ହେଲେ ଗୁଡାରି ବ୍ଲକର ୫ ଜଣ ଶିକ୍ଷକ, ଜଣେ ସିଆରସିସି ଓ ୩ ଶିକ୍ଷାର୍ଥୀ । ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳାରେ ଭଲ ପ୍ରଦର୍ଶନ କରିଥିବାରୁ ଏମାନଙ୍କୁ ଜିଲାସ୍ତରକୁ ଚୟନ କରାଯାଇଥିଲା। ସିଆରସିସି ଅନିଲ କୁମାର ବେହେରା, ଶିକ୍ଷକ ସୀମାଦ୍ରୀ ତିରୁମାଲା, କିଶୋର ସେଠୀ, ରତ୍ନାକର ତୁଳ, ଗଣପତି ଶବର ଓ ପଞ୍ଚାନନ ସାହୁଙ୍କ ସମେତ ଅମ୍ଲାନ ଶବର, ଏଲ. ଶ୍ରୀଲକ୍ଷ୍ମୀ ଓ ବିନାୟକ କୁମାର ଶିକ୍ଷାର୍ଥୀ ମାନପତ୍ର ସହ ଅତିଥିମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ।

# ସୁଭଦ୍ରା ସଚେତନତା ପଦଯାତ୍ରା

**ଚନ୍ଦ୍ରପୁର, ୭।୩ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ସଦର ମହକୁମାରେ ଗୁରୁବାର ପଞ୍ଚାୟତସ୍ତରୀୟ ସୁଭଦ୍ରା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ବ୍ଲକ୍‌ର ସିଡିପିଓ ଗୀତାରାଣୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଯୋଗ୍ୟ ହିତାଧିକାରୀଙ୍କ ମାନଦଣ୍ଡ, ସାରା ଓଡ଼ିଶାର ସମସ୍ତ ଯୋଗ୍ୟ ମହିଳାଙ୍କୁ ଏଥିରେ ସାମିଲ କରାଇବା, ସୁଭଦ୍ରା ଯୋଜନା ଅବେଦନ ପ୍ରକ୍ରିୟା, ମହିଳାମାନେ ଆର୍ଥିକ ସହାୟତା ପାଇ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ସିଡିପିଓ ସୂଚନା ଦେଇଥିଲେ। ପରେ ସାମାଜିକ କର୍ମୀ ବିଜୟ ଉଲାକା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନାରେ ଯେଉଁମାନେ ଆର୍ଥିକ ସହାୟତା ପାଇନାହାନ୍ତି କିପରି ସେମାନେ ପାଇପାରିବେ ସେ ନେଇ ସୂଚନା ଦେଇଥିଲେ। ବ୍ଲକର ସିଡିପିଓ କାର୍ଯ୍ୟାଳୟ ପରିସରରେ ଏକ ସୁଭଦ୍ରା ହେଲ୍ପ ଡେସ୍କ କାର୍ଯ୍ୟାଳୟ ଖୋଲାଯାଇଛି, ସେଠିକି ଯାଇ ସମସ୍ତ ଅଭିଯୋଗ ଦାଖଲ କରିବା ସହ, ବିଭିନ୍ନ ସୂଚନା ପାଇପାରିବେ ଏବଂ ଏକ ଟୋଲ ଫ୍ରି ନମ୍ବରରେ ଟେଲିଫୋନକରି ସମସ୍ତ ତଥ୍ୟ ଜାଣିପାରିବେ ବୋଲି କହିଥିଲେ। ଏହାପରେ ଏକ ସଚେତନତା ରାଲି ବାହାରି ଗାଁ ପରିକ୍ରମା କରିଥିଲା । ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ମହିଳା, ଏସ୍‌ଏଚଜି ମାଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।




ସୁଭଦ୍ରା ସଚେତନତା ପଦଯାତ୍ରା ଗାଁ ପରିକ୍ରମା କରୁଛି।

## ପଦ୍ମପୁର ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



**ପଦ୍ମପୁର,୭।୩(ପ୍ରଶାନ୍ତ କର)**

ରାୟଗଡ଼ା ଜିଲା ପଦ୍ମପୁର ଥାନାରେ ନୂତନ ଆଇଆଇସି ଭାବେ ଧରଣୀଧର ପ୍ରଧାନ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଚନ୍ଦ୍ରପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟ ତୁଲାଉଥିଲେ। ପଦ୍ମପୁର ଥାନାରେ ପୂର୍ବରୁ ଥିବା ଆଇଆଇସି ରଞ୍ଜନ କୁମାର ମାଝୀଙ୍କୁ ଯାଜପୁର ଜିଲା ଧର୍ମଶାଳା ଥାନାକୁ ବଦଳି ହେବା ପରେ ଏଠାରେ ପ୍ରଧାନ କାର୍ଯ୍ୟ ରେ ଯୋଗଦାନ କରି ପଦ୍ମପୁର ଅଚଳରେ ଆଇନ ଶୃଙ୍ଖଳା ସହ ଅପରାଧୀଙ୍କୁ ଦମନ କରାଯିବା ସହ ଅଞ୍ଚଳର ବିକାଶରେ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ଗ୍ରାମ୍ୟ ଜଳ ଓ ପରିମଳ କମିଟି ଭୂମିକା ସମ୍ପର୍କିତ କର୍ମଶାଳା

**ରାୟଗଡା,୭।୩(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ସଦର ବ୍ଲକ ସଦ୍‌ଭାବନା ସଭାଗୃହରେ ଗ୍ରାମ୍ୟ ଜଳ ଓ ପରିମଳ କମିଟି ପରିଚାଳନା ସମ୍ପର୍କିତ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସୌଜନ୍ୟରୁ ଆୟୋଜିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ କାଳୁ ଚରଣ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସହକାରୀ ଯନ୍ତ୍ରୀ ଦିପ୍ତୀ ବାଲ୍ଲଭଦ୍ରା, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଓ ଜିଲା ପରିମଳ ସଂଯୋଜକ ଲକ୍ଷ୍ମୀ ନାରାୟଣ ଦୋରା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ବ୍ଲକ ଅଞ୍ଚଳରେ ଜଳକଷ୍ଟ ଦୂରୀକରଣ ନିମନ୍ତେ ନଳକୂପ, ସୌରଚାଳିତ ଜଳଯୋଗାଣ, ମେଗା ଜଳଯୋଗାଣ ପ୍ରକଳ୍ପ ଆଦିର ପରିଚାଳନା ନିମନ୍ତେ ଗ୍ରାମ୍ୟ କମିଟିର ଭୂମିକା ଓ ବିଶୁଦ୍ଧ ଓ ନିରାପଦ ଜଳ ଏବଂ ଦୂଷିତ ଜଳର ଚିହ୍ନଟ ପ୍ରକ୍ରିୟା, ଦୂଷିତ ଉତ୍ସ ପରିଚାଳନା ଆଦି କୌଶଳ ବିଷୟରେ ଆଲୋଚନା ହୋଇଥିଲା। ଗ୍ରାମରେ ଆବଶ୍ୟକତା ଥିବା ଉତ୍ସଗୁଡିକର ଉତ୍ତମ ପରିଚାଳନା, ଜଳର ମାନ ପରୀକ୍ଷା, ଏଚ୍‌ଟୁଏଚ କିଟ୍ ବ୍ୟବହାର ଓ ଯନ୍ତ୍ରାଂଶର ମରାମତି କ୍ଷେତ୍ରରେ ଗ୍ରାମ୍ୟଜଳ ଓ ପରିମଳ କମିଟିର ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ବିଶୁଦ୍ଧ ଜଳ ଅଭାବରେ ବିଭିନ୍ନ ଜଳବାହିତ ରୋଗ ଦାଉରୁ ପରିବାର ଓ ଗ୍ରାମବାସୀଙ୍କୁ ରକ୍ଷା କରିବାରେ କମିଟିର ସଦସ୍ୟଙ୍କ କାର୍ଯ୍ୟ ବିଷୟରେ ଅବଗତ କରାଯାଇଥିଲା।

ସେହିପରି ବାହ୍ୟ ମଳମୁକ୍ତ ଗ୍ରାମ ସ୍ଥାପନାରେ ନିୟମିତ ଏହି କମିଟି ବୈଠକର ଆବଶ୍ୟକତା ରହିଛି ବୋଲି ଅଂଶଗ୍ରହଣକାରୀ କହିଥିଲେ। ଏଥିରେ ନିର୍ବାହୀ ଅଧିକାରୀ, ଏମବିକେ, ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକ ତଥା ଜଳ ଓ ପରିମଳ ବିଭାଗ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତ ତରଫରୁ ଜଳଛତ୍ର ସହ ଜଳକଷ୍ଟ ଗ୍ରାମର ଚିହ୍ନଟ ଓ ପଦକ୍ଷେପ ନିମନ୍ତେ ସମସ୍ତ ବିଡିଓ ଏବଂ ପଞ୍ଚାୟତ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରକାଶ କରିଛନ୍ତି ।




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା

**ରାୟଗଡ଼ା,୭।୩(ଆଶିଷ ରଞ୍ଜନ ପଣ୍ଡା)**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ନିପୁଣ ଓଡିଶା ମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଏଟ କଲେଜର ପ୍ରିନ୍ସିପାଲ ଜଗନ୍ନାଥ ମେହେର ମୁଖ୍ୟବକ୍ତା, କାର୍ଯ୍ୟକ୍ରମର ସଭାପତି ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାସ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ ମଞ୍ଚାସୀନ ହୋଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ଏହି ମେଳାକୁ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ମେହେର କାର୍ଯ୍ୟକ୍ରମର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ମେଳାରେ ୧୧ ବ୍ଲକରୁ ୩୩ ପ୍ରକଳ୍ପ ସ୍ଥାନ ପାଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଅପରାହ୍ନରେ ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁର ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମେଳାକୁ ପେଡାଗୋଜି ସଂଯୋଜକ ଜ୍ଞାନ ରଞ୍ଜନ ସାହୁ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ନରେଶ ସ୍ୱାଲସିଂ ଓ ସୁରେଶ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।



ମେଳାରେ ଯୋଗଦେଇଥିବା ଅତିଥି ।

# ୯୪୫ ଏକରରେ ରବି ଫସଲ

- ସମସ୍ୟାରେ ରାୟଗଡ଼ା ଜିଲା
- ପୂର୍ବ ବର୍ଷ ଅପେକ୍ଷା ୫୨୫ ହେକ୍ଟର କମ୍
- ହ୍ରାସର କାରଣ ଜଳସେଚନରେ ଅବ୍ୟବସ୍ଥା

**ରାୟଗଡ଼ା,୭।୩(ଆଶିଷ ରଞ୍ଜନ ପଣ୍ଡା)**

୧୯୯୨ରେ ଜିଲା ଗଠନ ହୋଇଥିଲେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ ବ୍ୟବସ୍ଥାରେ ଆଜିବି ପଛୁଆ ରହିଛି ରାୟଗଡ଼ା । ନାମକୁ ମାତ୍ର ହୋଇଛି ବିକାଶ । ହେଲେ ବାସ୍ତବ ଚିତ୍ର ଏଠି ଅଲଗା । ଯାହା ହୋଇଥିବା ରବି ଫସଲକୁ ଦେଖିଲେ ଅନୁମେୟ । ଜଳସେଚନ ପାଇଁ ବିଭିନ୍ନ ଛୋଟବଡ଼ ଚେକ୍‌ଡ୍ୟାମ ଓ ବଡ଼ନାଳ ପ୍ରୋଜେକ୍ଟ ଆଦି ରହିଥିଲେ ମଧ୍ୟ ଏଠାରେ ଚାଷ ସୁଦୃଢ଼ ହୋଇପାରୁନି । ଫଳରେ ଜିଲାରେ ଚାଷ ପରିମାଣ ପ୍ରତିବର୍ଷ କମିବାରେ ଲାଗିଛି । ଚଳିତ ରବି ଋତୁରେ ପରିଲକ୍ଷିତ ହୋଇଛି ଧାନ ଚାଷ କ୍ଷେତ୍ରରେ। ଏକବର୍ଷ ମଧ୍ୟରେ ୫୨୫ ହେକ୍ଟର ଜମିରେ ଧାନ ଚାଷ କମିଛି। ଗତବର୍ଷ ୧୪୭୦ ହେକ୍ଟର ଜମିରେ ରବି ଋତୁରେ ଧାନ ଚାଷ ହୋଇଥିବା ବେଳେ ଚଳିତବର୍ଷ ଏହା ଖସି ଆସିଛି ୯୪୫ ହେକ୍ଟରକୁ। ଏଭଳିକି ଜଳଭଣ୍ଡାର ନିକଟ ଜମି ମଧ୍ୟ ଶୁଖିଲା ପଡିଛି। ଜଳଭଣ୍ଡାରଗୁଡିକ ନାମକୁ ମାତ୍ର ନିର୍ମାଣ ହୋଇଛି ଓ ଏହାର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଜଳସମ୍ପଦ ବିଭାଗ ବ୍ୟୟ କରୁଛି।

ଚଳିତ ରବି ଋତୁରେ ରାୟଗଡା ଓ କାଶୀପୁର ବ୍ଲକରେ ୨୦୦ ହେକ୍ଟର ଲେଖାଏ ଜମିରେ ଧାନ ଚାଷ ହୋଇଥିବା ବେଳେ ମୁନିଗୁଡା ୧୨୦, ରାମନାଗୁଡା ୧୦୦, ପଦ୍ମପୁର ବ୍ଲକରେ ୬୮, ଗୁଡାରୀ ୧୫୦, ବିଷମକଟକ ୫୦, କୋଲନରା ୪୦ ଓ ଗୁଣପୁର ବ୍ଲକରେ ୧୭ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଛି। ହେଲେ ଚଳିତ ବର୍ଷ କଲ୍ୟାଣସିଂହପୁର ଓ ଚନ୍ଦ୍ରପୁର ବ୍ଲକରେ ଇଞ୍ଚେ ଜମିରେ ମଧ୍ୟ ରବି ଧାନ ଚାଷ ହୋଇନାହିଁ। ଫଳରେ ହଜାର ହଜାର ହେକ୍ଟର ଜମି ପଡିଆ ଭଳି ଦିଶୁଛି। ଜଳଭଣ୍ଡାର ନିକଟ ଅଞ୍ଚଳରେ ଥିବା ଜମି ଶୁଖିଲା ପଡିଛି। ଜିଲାର ସର୍ବବୃହତ ଜଳଭଣ୍ଡାର ହେଉଛି ପଦ୍ମପୁର ବ୍ଲକ ବଡନାଳ ପ୍ରକଳ୍ପ। ହେଲେ ଏହି ବ୍ଲକର କୌଣସି ଜମିକୁ ରବି ଋତୁରେ ଜଳ ମାଡୁନାହିଁ। ପଦ୍ମପୁର ହେଉଛି ରାୟଗଡା ଜିଲାର ଭାତହାଣ୍ଡି। କିନ୍ତୁ ପରିତାପର ବିଷୟ ଏହି ଭାତ ହାଣ୍ଡିରେ ଧିରେ ବନ୍ଦ ହେବାକୁ ଲାଗିଛି। ସେହିଭଳି ରାୟଗଡା ବ୍ଲକ ସିଲିଗିଗୁଡା ଜଳଭଣ୍ଡାର ଅବସ୍ଥା ମଧ୍ୟ ସମାନ। ଏହି ଜଳଭଣ୍ଡାରକୁ ଲାଗି ରହିଥିବା ଚାଷ ଜମିକୁ ପାଣି ମାଡୁନି। କଲ୍ୟାଣସିଂହପୁର ବ୍ଲକ ହାତୀମୁଣ୍ଡା ଜଳସେଚନ ପ୍ରକଳ୍ପ ଅନ୍ୟତମ। ଏତେବଡ ପ୍ରକଳ୍ପ ଥାଇ ମଧ୍ୟ ଏହି ବ୍ଲକରେ ରବିଧାନ ଚାଷ କରିନାହାନ୍ତି ଚାଷୀ। ସେହିଭଳି ବିଷମକଟକ ବ୍ଲକ କାଙ୍ଗୁବାଡି ଜଳସେଚନ ପ୍ରକଳ୍ପ ଅବସ୍ଥା ମଧ୍ୟ ସମାନ। ଏହି ପ୍ରକଳ୍ପରୁ ରବି ଋତୁରେ କୌଣସି ଜମିକୁ ପାଣି ମାଡୁନାହିଁ। ଏତେ ପରିମାଣରେ ଜଳସେଚନ ପ୍ରକଳ୍ପଗୁଡିକ ଥିବା ସତ୍ତ୍ୱେ ମଧ୍ୟ ତାହା ଚାଷୀଙ୍କ କାମରେ ଲାଗୁନାହିଁ। କେବଳ ରବି ଋତୁ ନୁହେଁ, ଖରିଫ ଋତୁରେ ମଧ୍ୟ ସମାନ ଅବସ୍ଥା ରହୁଛି। ଏଭଳିକି ଆଷାଢ ଓ ଶ୍ରାବଣରେ ବର୍ଷା ନିଅଣ୍ଟ ହେଲେ ତାହାର ଭରଣା ପାଇଁ ଜଳସେଚନ ପ୍ରକଳ୍ପରୁ ପାଣି ମାଡୁନି ଜମିକୁ। ଏହାକୁ ନେଇ ବିଭିନ୍ନ ସମୟରେ ଚାଷୀ ଅଭିଯୋଗ କରୁଛନ୍ତି। ହେଲେ ଫଳ କିଛି ମିଳୁ ନ ଥିବା ଚାଷୀ କହିଛନ୍ତି। ଜଳସମ୍ପଦ ବିଭାଗ କିନ୍ତୁ ମରାମତି ଓ ରକ୍ଷଣାବେକ୍ଷଣ ନାମରେ ବହୁ କୋଟି ଟଙ୍କା ବ୍ୟୟ ହେବାରେ ଲାଗିଛି। କେବଳ ଠିକାଦାର ପୋଷିବା ପାଇଁ ଏହି ପ୍ରକଳ୍ପ ରହିଥିବା ଭଳି ସ୍ଥିତି ଉପୁଜିଥିବା ଗ୍ରାମବାସୀ କହିଛନ୍ତି। କେବଳ ଜଳଭଣ୍ଡାର କିମ୍ବା ପ୍ରକଳ୍ପ ନୁହେଁ ଉଠା ଜଳସେଚନ ପ୍ରକଳ୍ପ ଗୁଡିକ ମଧ୍ୟ ସମାନ ଭାବରେ ପଡିରହିଛି।

ନାଗାବଳୀ, ଝଞ୍ଜାବତୀ, କଲ୍ୟାଣୀ, ଲାଙ୍ଗୁଳିଆ, ଫଳଫଳିଆ ଓ ବଂଶଧାରା ନଦୀରେ ଅନେକ ଉଠା ଜଳସେଚନ ପ୍ରକଳ୍ପ ରହିଛି। ତେବେ ସେଗୁଡିକ ଅଚଳାବସ୍ଥାରେ ପଡିରହିଛି। ବର୍ଷା ଋତୁରେ କାଁ ଭାଁ କାମରେ ଲାଗୁଛି। ଏହିଭଳି ଅବସ୍ଥା ପାଇଁ ଚାଷୀ ଚାଷରୁ ଦୂରେଇ ଯାଉଥିବା କହିଛନ୍ତି। ପାଣି ପଞ୍ଚାୟତ ଗଠନ କରି ପାଣି ଭଳି ଟଙ୍କା ଖର୍ଚ୍ଚ ହେବାରେ ଲାଗିଛି। କିନ୍ତୁ କୌଣସି ସୁଫଳ ମିଳୁନାହିଁ।

ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କରଙ୍କୁ ପଚାରିବାରୁ ଚଳିତ ବର୍ଷ ବଡ଼ନାଳ ପ୍ରୋଜେକ୍ଟରୁ ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ ଜିଲାରେ ଚାଷ ପରିମାଣ କମିଯାଇଛି ବୋଲି କହିଛନ୍ତି ।

# କୋରୁକୋଣ୍ଡାରେ ନୂତନ ଥାନା କୋଠା ଉଦ୍‌ଘାଟିତ

**କୋରୁକୋଣ୍ଡା, ୭।୩ (ଶିବଦତ୍ତ ସାହୁ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭିଡିଓ କନ୍‌ଫରେନ୍ସରେ କୋରୁକୋଣ୍ଡା ସଦରରେ ନୂତନ କୋଠା ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ନରସିଂହ ମାଡ଼କାମୀ, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ଏସ୍‌ଡିପିଓ ସଚିନ ପାଟିଲ, କୋରୁକୋଣ୍ଡା ଆଇଆଇସି ହିଂମାଶୁ ଶେଖର ବାରିକ, ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗେନ୍ କିଣ୍ଡୋଙ୍କ ସହିତ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ, କୋରୁକୋଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁ, ଚିତ୍ରକୋଣ୍ଡା ଏବଂ ମାଲକାନଗିରି ବିଧାୟକଙ୍କ ପ୍ରତିନିଧି, ପୋଲିସ୍ ଗୃହ ନିର୍ମାଣ ନିଗମ ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ଦଳାଇ, ଏପିଏମ୍ ସୁନିଲ ବେହେରା, ନିର୍ବାଚିତ ଜନପ୍ରତିନିଧି ଏବଂ ଥାନାର ସମସ୍ତ ଅଧିକାରୀ ଏବଂ ଅତିଥିମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ


କୋରୁକୋଣ୍ଡାରେ ନୂତନ ଥାନା ଉଦ୍‌ଘାଟନ ଅବସରରେ ବିଧାୟକ ନରସିଂହ ମାଡକାମୀ ଓ ଅନ୍ୟମାନେ ।

**ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ଅଭିଭାଷଣରେ ଏହି ନୂଆ ଥାନା ଏବଂ ସୁବିଧାମୂଳକ ବ୍ୟବସ୍ଥା ଅଞ୍ଚଳର ନାଗରିକମାନଙ୍କ ଧନ, ଜୀବନ ରକ୍ଷା, ସୁରକ୍ଷା ଏବଂ ନ୍ୟାୟ ପ୍ରଦାନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ ।

# ଓକିଲ ସଂଘ ନିର୍ବାଚନ: ୧୮ ନାମାଙ୍କନ ଦାଖଲ


ନାମାଙ୍କନପତ୍ର ଦାଖଲ କରାଯାଉଛି ।

**ମାଲକାନଗିରି, ୭।୩ (ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୨୯ତାରିଖରେ ହେବାକୁ ଥିବାବେଳେ ଶୁକ୍ରବାର ନାମାଙ୍କନ ଦାଖଲର ଶେଷ ଦିନ ଥିଲା। ଏଥିରେ ୧୮ ପ୍ରାର୍ଥିପତ୍ର ଦାଖଲ ହୋଇଛି।

ନିର୍ବାଚନ ଅଧିକାରୀ ଅଶୋକ କୁମାର ନାୟକଙ୍କ ରିପୋର୍ଟ ଅନୁଯାୟୀ, ସଭାପତି ପଦବୀ ପାଇଁ ବିଜୁ ସରକାର ଓ ପ୍ରୀତିପାଲ ସିଂହ ଦୁଇଜଣ ନାମାଙ୍କନ ଦେଇଛନ୍ତି। ଉପ ସଭାପତି ପାଇଁ ସରୋଜ କୁମାର ମହାନ୍ତି, ରଣଜିତ ସାନା, ଜୋସେଫ ଜେମ୍ସ ଓ ଭାବତୋଷ ବିଶ୍ୱାସ ନାମାଙ୍କନ ଦେଇଛନ୍ତି। ସମ୍ପାଦକ ପାଇଁ ତାପସ କୁମାର ନାଥ, ସାଗର ପାଣିଗ୍ରାହୀ, ରଣଜିତ ସାନା ଓ ହିରୋଜ ପାଣିଗ୍ରାହୀ ନାମାଙ୍କନ ଦେଇଛନ୍ତି। ଯୁଗ୍ମ ସମ୍ପାଦକ ପାଇଁ ଏସ୍. ମହେଶ୍ୱର, ଉମାଶାଙ୍କର ନାଏକ ଓ ଭାବତୋଷ ବିଶ୍ୱାସ ନାମାଙ୍କନ ଦେଇଛନ୍ତି। କୋଷାଧ୍ୟକ୍ଷ ପାଇଁ ବିଭୁ ଆସିଦାନ ସଗରିଆ ନାମାଙ୍କନ ଦେଇଛନ୍ତି। ସହ ସମ୍ପାଦକ ମାଲକାନଗିରି, କୁଡୁମୁଲୁଗୁମା, ମାଥିଲି ଓ ଏମ୍‌ଭି ୭୯ ପାଇଁ ଏସ୍. ମହେଶ୍ୱର, ସରୋଜ କୁମାର ସାହୁ, ହେମନ୍ତ କୁମାର ରାଜୁ ଓ ମାନସ କୁମାର ହାଲଦାର ନାମାଙ୍କନ ଦେଇଛନ୍ତି। ଏଜିକ୍ୟୁଟିଭ ମେମ୍ବର ପାଇଁ କେହି ନାମାଙ୍କନ ଦାଖଲ କରିନାହାନ୍ତି। ଏହିପରି ୧୮ ନାମାଙ୍କନ ଦାଖଲ ହୋଇଛି।

ଆସନ୍ତା ୯ତାରିଖରେ ପ୍ରଥିପାତ୍ର ଯାଞ୍ଚ ଥିବାବେଳେ ୧୨ ତାରିଖରେ ନାମାଙ୍କନ ପତ୍ର ପତ୍ୟାହାର ରହିଛି। ଏଥର ଭୋଟରଙ୍କ ସଂଖ୍ୟା ବଢିଥିବାରୁ ନିର୍ବାଚନ ରୋଚକ ହେବା ଆଶା କରାଯାଉଛି।

# ଗାଡ଼ିଆଡୁଡୁମାରେ ବିଜେଡି କର୍ମୀ ସମ୍ମିଳନୀ


ବୈଠକରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ।

**ମାଥିଲି, ୭।୩ (ସୁବାଷ ଚନ୍ଦ୍ର ଖୁଡୁପିଆ)**

ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତ ଗାରୀଆଡୁଡୁମାରେ ପୂର୍ବତନ ବ୍ଲକ ସଭାପତି ତଥା ସାମାଜକର୍ମୀ ସଦାଶିବ ପୂଜାରୀଙ୍କ ନେତୃତ୍ୱରେ ବିଜେଡି କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଭଣ୍ଡାରିପାଙ୍ଗମ୍ ପଞ୍ଚାୟତର ବହୁ ବିଜେଡି ନେତା ଏବଂ କର୍ମୀ ଯୋଗ ଦେଇଥିଲେ। ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ମଜବୁତ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ପୂର୍ବରୁ ମଧ୍ୟ ଭଲପାଇବା

**ଉଦୁଲିବେଡା ପଞ୍ଚାୟତ**

ଏବଂ ସ୍ନେହ ଦେଇ ଆସିଛନ୍ତି, ଏବେ ମଧ୍ୟ ଭଣ୍ଡାରୀପାଙ୍ଗମ୍ ଲୋକଙ୍କ ସ୍ନେହ ଏବଂ ଆଶୀର୍ବାଦ ଆଶା କରୁଛୁ ବୋଲି ପୂଜାରୀ କହିଛନ୍ତି । ସେମାନେ ସବୁବେଳେ ସୁଖ ଦୁଃଖ ସାଥୀ ହୋଇ ରହିଛନ୍ତି। ଆଗାମୀ ଦିନରେ ମଧ୍ୟ ସେଇଭଳି ଏକତା ଏବଂ ସମର୍ଥନ ଜାରି ରହିବ ବୋଲି ବିଜେଡିର ବରିଷ୍ଠ ବ୍ୟକ୍ତିମାନେ ମତ ଦେଇଛନ୍ତି । ସମାଜର ଉନ୍ନତି ପାଇଁ ଏକତା ଏବଂ ଶକ୍ତି ସବୁବେଳେ ଜାରି ରହିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।

# ବାଲ୍ୟବିବାହ ବନ୍ଦକଲେ ଚାଇଲ୍ଡ ହେଲ୍‌ପ ଲାଇନ୍ ସଦସ୍ୟ

**କାଲିମେଳା, ୭।୩ (ଜୀବନ କୃଷ୍ଣ ଦାସ)**

କାଲିମେଳା ବ୍ଲକ କୋଇମେଟଲା ପଞ୍ଚାୟତ ଅଞ୍ଚଳରେ ହେଉଥିବା ବାଲ୍ୟ ବିବାହକୁ ଚାଇଲ୍ଡ ହେଲ୍ପ ଲାଇନ୍ ସଦସ୍ୟ ବନ୍ଦ କରିଥିଲେ। ହେଲ୍ପ ଲାଇନ୍ ନଂ.୧୦୯୮କୁ ଖବର ଆସିବା ପରେ ମାଲକାନଗିରି ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଚାଇଲ୍ଡ ହେଲ୍ପ ଲାଇନ୍ ସଦସ୍ୟ, କାଲିମେଳା ସିଡିପିଓ ଓ ପୋଲିସର ମିଳିତ ଉଦ୍ୟମରେ ବାଲ୍ୟ ବିବାହକୁ ବନ୍ଦ କରାଯାଇଛି।

ପ୍ରକାଶ ଯେ, କୋଇମେଟଲା ଅଞ୍ଚଳରେ ଗୁରୁବାର ରାତିରେ ବାଲ୍ୟ ବିବାହ ଚାଲିଥିବା ନେଇ ଚାଇଲ୍ଡ ହେଲପ୍‌ଲାଇନକୁ କେହି ଜଣେ ଖବର ଦେଇଥିଲେ। ବିବାହ ନିମନ୍ତେ ଝିଅ ଘର ତରଫରୁ ସମସ୍ତ ବ୍ୟବସ୍ଥା ସରିଥିଲା। ପରେ ମାଲକାନଗିରି ଚାଇଲ୍ଡ ହେଲପ୍‌ଲାଇନ କାଉନସିଲର ଅଜୟ ହାଲଦାର, ସୁପରଭାଇଜର ଜୟପ୍ରଭା ସିକ୍‌ଦାର, କର୍ମୀ ମନୀଷା ମାଡକାମି, ଅଙ୍ଗନୱାଡ଼ି ସୁପରଭାଇଜର ଅରୁଣା କୁମାରୀ ବେହେରା, ସ୍ଥାନୀୟ ଥାନା ହୋମଗାର୍ଡ ଅସିମ ଦାସ ଓ ହାବିଲଦାର ଦେବା ମାଡକାମି ପ୍ରମୁଖ ଗ୍ରାମକୁ ଯାଇ ଝିଅର ବୟସ ପ୍ରମାଣ ପତ୍ର ଯାଞ୍ଚ କରିଥିଲେ । ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରୁ ଝିଅର ବୟସ ୧୬ ବର୍ଷ ୮ ମାସ ହୋଇଥିବା ଜଣାପଡିଥିଲା । ପରେ ଏହି ବାଲ୍ୟ ବିବାହକୁ ବନ୍ଦ କରାଯାଇଥିଲା । ପ୍ରଥମେ ବିବାହ ବନ୍ଦ ନ କରିବା ପାଇଁ ପରିବାର ଲୋକ ରାଜି ହୋଇ ନ ଥିବା ବେଳେ କର୍ମୀମାନେ ବାଲ୍ୟ ବିବାହ ନିଷେଧ ଆଇନ ବିଷୟରେ ଗ୍ରାମର ଲୋକମାନଙ୍କୁ ଓ ଝିଅଙ୍କ ପରିବାର ବର୍ଗଙ୍କୁ ବୁଝାଇଥିଲେ। ଗ୍ରାମରୁ ଝିଅ ର ପ୍ରମାଣପତ୍ର ଦେଖିବା ପରେ ବୟସ ହୋଇନଥିବାରୁ ଝିଅକୁ ସେ ସ୍ଥାନରୁ ଉଦ୍ଧାର କରି ମାଲକାନଗିରି ଜିଲା ଶିଶୁମଙ୍ଗଳ ସମିତିରେ ହାଜର କରାଇଥିଲେ। ପିଲାଟିକୁ ମାଲକାନଗିରି ଶକ୍ତି ସାଧନ କେନ୍ଦ୍ରରେ ରଖା ଯାଇଥିବା ସୂଚନା ମିଳିଛି ।


ଝିଅଙ୍କ ପରିବାର ସଦସ୍ୟଙ୍କ ସହ ଚାଇଲ୍ଡ ହେଲ୍ପ ଲାଇନ୍ ସଦସ୍ୟ ।

# ଆଇଟିଡିଏର ହିତାଧିକାରୀଙ୍କୁ ୬୪ ପମ୍ପସେଟ୍ ପ୍ରଦାନ


ହିତାଧିକାରୀଙ୍କୁ ବଣ୍ଟନ ଲାଗି ରଖାଯାଇଥିବା ପମ୍ପସେଟ୍ ।

**ମାଲକାନଗିରି, ୭।୩ (ନୃସିଂହ ଚରଣ ମହାନ୍ତି)**

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଲକାନଗିରି ତରଫରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମରେ ଜନଜାତି ଜୀବିକା ପରିଷଦ ପକ୍ଷରୁ ହିତାଧିକାରୀମାନଙ୍କୁ ୬୪ ପମ୍ପସେଟ୍ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ପଡ଼ିଆ, ଚିତ୍ରକୋଣ୍ଡା, ମାଥିଲି ଓ ଖଇରପୁଟ ବ୍ଲକ୍‌ର ଅଗ୍ରଣୀ ଆଦିବାସୀ ଚାଷୀମାନେ ଯୋଗଦେଇଥିଲେ। ପ୍ରକଳ୍ପ ପ୍ରଶାସକ ହଳଧର ଶବର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ପମ୍ପସେଟ୍ ବଣ୍ଟନ କରିଥିଲେ। ଆଇଟିଡିଏ ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଷୟବସ୍ତୁ ବିଶେଷଜ୍ଞ ପ୍ରଗତି ପାଣିଗ୍ରାହୀ ଓ ଜଗନ୍ନାଥ ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍ ଜୀବିକା ବିଶେଷଜ୍ଞ ଦେବବ୍ରତ ସରକାର, ଅଭିମନ୍ୟୁ ନାୟକ ଓ ଭାବଗ୍ରାହୀ ବଳ ପ୍ରମୁଖ ସହଯୋଗ କରିଥିଲେ। ଓଡ଼ିଶା କୃଷି ଶିଳ୍ପ ନିଗମ ମାଲକାନଗିରିର କର୍ମଚାରୀ ପାଣି ପମ୍ପର ବ୍ୟବହାର ବିଷୟରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ। ସରକାରଙ୍କର ଏହିଭଳି ଅଭିନବ କାର୍ଯ୍ୟକ୍ରମ ଓ ସହାୟତା ପାଇଁ ସମସ୍ତ ହିତାଧିକାରୀ ଧନ୍ୟବାଦ ଜଣାଇଥିଲେ।

# ପାଣିରେ ବୁଡ଼ି ୬ ବର୍ଷର ନାବାଳକ ମୃତ

**ଡାବୁଗାଁ, ୭।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବିଜାପୁର ନିକଟ ଗୁଚାଗୁଡ଼ା ଗ୍ରାମରେ ପାଣିରେ ବୁଡି ୬ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ହୋଇଛି। ଏ ନେଇ ଗୁରୁବାର ରାତିରେ ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଡାବୁଗାଁ ଥାନା ଅଧୀନ ବିଜାପୁର ନିକଟ ଗୁଚାଗୁଡ଼ା ଗ୍ରାମର ଦଇନୁ ଭତ୍ରାଙ୍କ ପୁଅ ଦୁର୍ଯ୍ୟ (୬)। ସୂଚନାନୁଯାୟୀ, ଗୁରୁବାର ଅପରାହ୍ନରେ ଦୁର୍ଯ୍ୟ ସାଙ୍ଗମାନଙ୍କ ସହ ଗାଁ ପାଖ ପୋଖରୀକୁ ଯାଇଥିଲା। ସେଠାରେ ଶୌଚ ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗରେ ଥିବା ପିଲାମାନେ ପାଟି କରିବା ସହ ଦୁର୍ଯ୍ୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ପୋଖରୀ ପାଖରେ ପହଞ୍ଚି ଖୋଜାଖୋଜି କରିଥିଲେ। କିନ୍ତୁ ଦୁର୍ଯ୍ୟଙ୍କୁ ନ ପାଇବାରୁ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରି ଦୁର୍ଯ୍ୟଙ୍କୁ ପାଣିରୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମା' ଚମ୍ପା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ସକାଳୁ ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଶହୀଦ ମିନାର ଉନ୍ନତୀକରଣ ପାଇଁ ୬ କୋଟିର ଅନୁଦାନ

**ନବରଙ୍ଗପୁର, ୭।୩ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଶହୀଦ ମୀନାରକୁ ଏକ ଆଦର୍ଶ ପର୍ଯ୍ୟଟନ ସ୍ଥଳ କରାଯିବ। ଏନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ୬ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଅଡିଟୋରିୟମ, ପାର୍କ, ଶହୀଦ ଓ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିଗୁଡିକ ଉଚ୍ଚ ସ୍ଥାନରେ ରଖାଯିବ। ଏହା ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ରହିଛି। ସୂଚନାନୁଯାୟୀ, ପାପଡ଼ାହାଣ୍ଡି ଶହୀଦ ମୀନାର ଗୁରି ନଦୀ କୂଳରେ ସ୍ଥାପିତ। ୧୯୪୨ ଅଗଷ୍ଟ ୨୪ରେ ଇଂରେଜଙ୍କ ଗୁଳିରେ ୧୯ ଜଣ ପ୍ରାଣ ହରାଇଥିଲେ। ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲିପିବଦ୍ଧ ପାପଡ଼ାହାଣ୍ଡି ଗୁଳିକାଣ୍ଡ ଏବେବି ଅନେକ ସ୍ମୃତି ବହନ କରୁଛି। ଏହିଭଳି ଏକ ରକ୍ତ ତୀର୍ଥ ତଥା ଶହୀଦ ମିନାରର ଉନ୍ନତି ପାଇଁ ସରକାର ଅନୁଦାନ ପ୍ରଦାନ କରିଥିବାରୁ ଶହୀଦ ଓ ସଂଗ୍ରାମୀ ପରିବାର ଏବଂ ବୁଦ୍ଧିଜୀବୀ ସାଧୁବାଦ ଜଣାଇଛନ୍ତି ।

# 'ନିଶ୍ଚିତରେ ଜନ ଔଷଧୀ କେନ୍ଦ୍ରର ଔଷଧ ବ୍ୟବହାର କର'

**ତେନ୍ତୁଳିଖୁଣ୍ଟି, ୭।୩ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତରେ ଜିଲାସ୍ତରୀୟ ଜନ ଔଷଧୀ ଦିବସ କାର୍ଯ୍ୟକ୍ରମ କରାଯାଇଛି। ଏଥିସହ ଜିଲାରେ ଥିବା ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏହି ଦିବସ ପାଳନ କରାଯାଇଛି। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇଥିଲେ। ସିଡିଏମ୍‌ଓ ଡାକ୍ତର ସନ୍ତୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ ପରିଚାଳନା କରିଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମ ପରଜାବାରଙ୍ଗପଦରରେ

**ଜିଲାସ୍ତରୀୟ ଜନ ଔଷଧୀ ଦିବସ ପାଳିତ**

କରାଯାଇଥିବାରୁ ସରପଞ୍ଚ ବନ୍ଦିତା ନାୟକ ସ୍ୱାସ୍ଥ୍ୟ ବିଭାଗ, ଏମ୍‌ପି ଓ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଇନ୍ଦ୍ରାବତୀ ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱୟଂ ସମ୍ପୂର୍ଣ୍ଣ ଡାକ୍ତରଖାନା ହୋଇ ନ ଥିବାରୁ ଦୁଃଖ ବ୍ୟକ୍ତ କରିବା ସହ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପଣ୍ଡା ଜନ ଔଷଧୀ ଶସ୍ତା ବୋଲି ପ୍ରଭାବୀ ହୋଇ ନ ଥାଇ ପାରେ ବୋଲି ଯେଉଁ ଧାରଣା ରହୁଛି ସେଥିରୁ ନିବୃତ୍ତ ରହିବାକୁ କହିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଯେଉଁ ଔଷଧକୁ ଜିଏମ୍‌ପି ପ୍ରମାଣପତ୍ର ଦେଉଛି ସେହି ଔଷଧ ହିଁ ଜନ ଔଷଧୀ କେନ୍ଦ୍ରରେ ବିକ୍ରି ହେଉଛି। ଅଦ୍ୟାବଧି ପ୍ରାୟ ୨୧୦୦ ଔଷଧ ଜନ ଔଷଧୀ କେନ୍ଦ୍ର ପାଇଁ ଜିଏମ୍‌ପି ପ୍ରମାଣ ପତ୍ର ପାଇ ସାରିଛି ବୋଲି ଏମ୍‌ପି ମତ ଦେଇଥିଲେ। ଅଦ୍ୟାବଧି ଜିଲାରେ ୪ଟି ଜନ ଔଷଧୀ କେନ୍ଦ୍ର ରହିଛି। ଆହୁରି ଖୋଲିବା ପାଇଁ କେନ୍ଦ୍ର ସରକାର ଦେଉଥିବା ପ୍ରୋତ୍ସାହନ ସମ୍ପର୍କରେ କୁହାଯାଇଛି। ଖାଦ୍ୟରେ ତେଲ, ଲୁଣ, ଚିନି, ମସଲା ପରିମାଣ କମାଇବା ଏବଂ ଯୋଗ ପ୍ରାଣାୟମକୁ ଜୀବନରେ ଆପଣାଇବା ସହିତ ସାମାନ୍ୟ ଅସୁସ୍ଥତାରେ ଘରୋଇ ଉପଚାର ଜନ ଔଷଧୀ କେନ୍ଦ୍ରର ଔଷଧ ବ୍ୟବହାର କରିବାକୁ ବିଧାୟକ ମାଝୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିପିଏମ୍ ରଞ୍ଜନ ମିଶ୍ର, ପିଏଚ୍‌ଇଓ ପ୍ରଜ୍ଞା ପାରମିତା ମୁଦୁଲି, ତପନ କୁମାର, ସୁକେଶୀ ମହାନ୍ତି, ସରସ୍ୱତୀ ଦେଇ, ସନ୍ତୋଷ ସିଂ, ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ ଆଶାକର୍ମୀ ସହଯୋଗ କରିଥିଲେ। ସୂଚନାନୁଯାୟୀ, କାର୍ଯ୍ୟକ୍ରମ ପୂର୍ବରୁ ଏମ୍‌ପି ଓ ବିଧାୟକ ମାଝୀ ଖାତିଗୁଡ଼ାସ୍ଥିତ ପ୍ରଭାସିନୀ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଜନ ଔଷଧୀ କେନ୍ଦ୍ରକୁ ଯାଇ ମିଳୁଥିବା ଔଷଧ ଏବଂ ଗୁଣବତ୍ତା ବିଷୟରେ ପଚାରି ବୁଝିଥିଲେ। ସେମାନେ କିଛି ଔଷଧ କ୍ରୟ କରିଥିଲେ। କର୍ମୀଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ହେଲେ ଜନ ଔଷଧୀ କେନ୍ଦ୍ରରୁ ଔଷଧ କ୍ରୟ କରିବାକୁ କହିଥିଲେ।



କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

# ପୋଡ଼ାଘାଟ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଇରପୁଟ, ୭।୩ (ଜଗନ୍ନାଥ ମାଝୀ)**

ପୋଡାଘାଟ ଆଶ୍ରମ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିମ୍ବ କିର୍ଷାନୀ, ସଭାପତି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ଏବିଇଓ ବୀରେନ୍ଦ୍ର ପ୍ରଧାନ, ସରପଞ୍ଚ ଗୁରୁ ମଲ୍ଲି, ରଘୁନାଥ ନାୟକ, ସୁରେଶ ଚନ୍ଦ୍ର କେଶରୀ, ଅଭୟ କୁମାର ମହାନ୍ତି, ସାମାଜିକକର୍ମୀ ପୀତାମ୍ବର ଗୁରୁତେଲି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମୁକୁନ୍ଦ ମାଝୀ, ପୋଡାଘାଟ ନାଏବ ସରପଞ୍ଚ ହାତୀରାମ ଗଡଙ୍ଗୀ, ଖେମାଗୁରୁ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପୋଡାଘାଟ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ କୁମାର ବ୍ରହ୍ମା ଆବାହକ ଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଏକଶହ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଆଦିମ ଜନଜାତି ବାଳକ ଆଶ୍ରମ ବିଦ୍ୟାଳୟ ମଞ୍ଚ ପରିଚାଳନା ବିଭୂଦତ୍ତ ତ୍ରିପାଠୀଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା।


ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ।

# ଓର୍କେଲ ଥାନା ପକ୍ଷରୁ ନୂତନ ଆପରାଧିକ ଆଇନ ସଚେତନତା ଶିବିର

**କୋରୁକୋଣ୍ଡା, ୭।୩ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ପରିସରରେ ଗୃହ ବିଭାଗ ପକ୍ଷରୁ ନୂତନ ଆପରାଧିକ ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓର୍କେଲ ଥାନା ସେକେଣ୍ଡ ଅଫିସର ଅଜିତ ସିଂ ବରିହା, ସବ୍ ଇନ୍ସପେକ୍ଟର ମିଳନ ବରିହା, କୁଡୁମୁଲୁଗୁମ୍ମା ଫାଣ୍ଡି ଏଏସ୍‌ଆଇ କୃଷ୍ଣଚନ୍ଦ୍ର ହିଆଲ, ସରପଞ୍ଚ ମଙ୍ଗଳା ମାଢ଼ୀ ଓ ସମିତି ସଭ୍ୟା ମୁନୀ ସଗରିଆ ପ୍ରମୁଖ ଉପସ୍ଥିତ ରହି ଭାରତୀୟ ଆଇନ ବ୍ୟବସ୍ଥାରେ ନୂତନ ଭାବେ ୩ ନୂତନ ଆପରାଧିକ ଆଇନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବରିହା କହିଥିଲେ, ଭାରତ ସ୍ୱାଧୀନ ପୂର୍ବରୁ ଇଂରେଜ ଶାସନ ଦ୍ୱାରା ପ୍ରଣୀତ ଆଇନଗୁଡିକ ବହୁତ ପୁରୁଣା ଓ ବର୍ତ୍ତମାନ ସମୟ ସାପେକ୍ଷ ହେଉ ନ ଥିବାରୁ ସମ୍ବିଧାନିକ ପ୍ରକ୍ରିୟାନୁସାରେ ବିଭିନ୍ନ ଆପରାଧିକ ଧାରା ଓ ନିୟମାବଳୀରେ ବ୍ୟାପକ ପରିବର୍ତ୍ତନ କରାଯାଇ ଏକ ନୂତନ ରୂପରେଖ ଦିଆଯାଇଛି । ଏହି କ୍ରମରେ ପୂର୍ବରୁ ଥିବା ଇଣ୍ଡିଆନ ପେନାଲ୍ କୋଡ୍ ନାମକୁ ହଟାଯାଇ ଭାରତୀୟ ନ୍ୟାୟ ସଂହିତା, କ୍ରିମିନାଲ ପ୍ରୋସିଡ୍ୟୁର କୋଡ୍ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ବଦଳରେ ଭାରତୀୟ ସାକ୍ଷ୍ୟ ସୁରକ୍ଷା ଅଧିନିୟମ ପ୍ରଣୟନ କରାଯାଇଛି।

ସେ ଆହୁରି କହିଥିଲେ, ଏହି ବ୍ୟବସ୍ଥାରେ ଜଣେ ଦୋଷୀ ଅପରାଧୀକୁ ସୀମିତ ସମୟରେ ଦଣ୍ଡବିଧାନ କରାଯିବା ସହ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ଓ ସମାଜରେ ଏହାଦ୍ୱାରା ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣାଧୀନ ହେବା ସହିତ ଯୁବସମାଜର ମାନସିକତା ସକାରାତ୍ମକ ଦିଗରେ ଅଗ୍ରସର ହୋଇପାରିବ। ଶେଷରେ ଏଏସ୍‌ଆଇ ହିଆଲ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ କୁଡୁମୁଲୁଗୁମ୍ମା ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ନୂତନ ଆଇନ ସମ୍ପର୍କରେ ଅବଗତ ହୋଇଥିଲେ।


ନୂତନ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି ।

# ବାଲ୍ୟବିବାହରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ନିଷ୍ପତ୍ତି

**ନବରଙ୍ଗପୁର, ୭।୩ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପୋଲିସ ଓ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ସମନ୍ୱୟ ବୈଠକ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ। ଜିଲାର ପ୍ରତ୍ୟେକ ଶିଶୁମାନଙ୍କୁ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ପୂର୍ବରୁ ବାଲ୍ୟବିବାହକୁ ରୋକିବା ନିମନ୍ତେ କେବଳ ମହିଳା ଓ ଶିଶୁ ବିକାଶ ବିଭାଗର ଦାୟିତ୍ୱ ରହିଥିବା ବେଳେ ଏବେ ଏହି କ୍ଷମତାକୁ ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତରାଜ, ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଓ ପୋଲିସ ବିଭାଗକୁ ଉତ୍ତରଦାୟିତ୍ୱ ଦିଆଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତସ୍ତରରେ ବାଲ୍ୟବିବାହ ନିଷେଧ ଅଧିକାରୀଭାବେ କାର୍ଯ୍ୟ କରିବେ। ସିଡିପିଓମାନେ ବ୍ଲକ୍‌ସ୍ତରରେ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ରହିବେ। ପୋଲିସ ବିଭାଗ ଏହି ନୂଆ ଆଇନ ବ୍ୟବସ୍ଥାରେ ଅଧିକ ଉତ୍ତରଦାୟିତ୍ୱ ବହନ କରୁଛନ୍ତି। ବାଲ୍ୟବିବାହ ନିଷେଧ ଅଧିକାରୀ ପୋଲିସର ସହାୟତା ନେଲେ ପୋଲିସ ତୁରନ୍ତ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ବାଲ୍ୟବିବାହ ରୋକିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଜିଲାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ପ୍ରତିମାସ ୧୫ ତାରିଖରେ ପୋଲିସ ଓ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କର ସମନ୍ୱୟ ବୈଠକ କରାଯିବ ବୋଲି ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ପ୍ରତି ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କକୁ ଅଧିକ ସକ୍ରିୟତାର ସହିତ କାର୍ଯ୍ୟ କରିବାକୁ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନଟ କରାଯାଇଥିବା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ସମସ୍ତ ଶିଶୁଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯିବା ଲକ୍ଷ୍ୟ ନେଇ ସମସ୍ତ ବ୍ଲକରେ ଜିଲା ଶିଶୁମଙ୍ଗଳ କମିଟି କ୍ୟାମ୍ପକୋର୍ଟ କରାଯିବା ପାଇଁ



ବୈଠକରେ ଜିଲାପାଳ, ଏସ୍‌ପି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ପୋଲିସ ଓ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ସମନ୍ୱୟ ବୈଠକ**

ବିଧିବଦ୍ଧ ଭାବରେ ଏହି ବୈଠକ ରେ ନିଷ୍ପତ୍ତି ନିଆଯାଇଛି। ବାଲ୍ୟବିବାହରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯିବାକୁ ସ୍ଥିର ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରକାଶ ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ଣ୍ଣିମା କାଶ୍ୟପ, ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ଆକ୍ସନଏଡ୍ ସଂସ୍ଥା ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ଜିଲାର ସମସ୍ତ ଥାନାଧିକାରୀ, ସମସ୍ତ ତହସିଲଦାର, ସମସ୍ତ ସିଡିପିଓ, ୱାନ୍‌ଷ୍ଟପ ସେଣ୍ଟର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବୀମା ଲୋଭ ଦେଖାଇ ଠକେଇ ଅଭିଯୋଗ

**ସୁନାବେଡ଼ା/ସେମିଳିଗୁଡା, ୭।୩**
**(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)**

ଇନ୍ସ୍ୟୁରାନ୍ସ ନାଁରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ସୁନାବେଡ଼ା ମ୍ୟୁନିସିପାଲଟି ଅଞ୍ଚଳରେ ସାସ୍ୱତି ମହିଳା ମହାସଂଘ ଗଠନ କରିଥିବା ଅଶ୍ୱିନୀ ପଟ୍ଟନାୟକ ଶାନ୍ତି ଏସ୍ଏଚ୍ଜି ମହିଳାଙ୍କୁ ଠକିଥିବା ଅଭିଯୋଗ କରିଛନ୍ତି। ଏହି ମହାସଂଘରେ ପ୍ରାୟ ୫୦୦ରୁ ୧୦୦୦ ମହିଳା ସାମିଲ ରହିଛନ୍ତି। ମହାସଂଘର କୋଷାଧ୍ୟକ୍ଷ ଥିବା ଅଶ୍ୱିନୀ ମହିଳାମାନଙ୍କୁ ବୀମା ଲୋଭ ଦେଖାଇବା ସହ ଏହାଦ୍ୱାରା ଅନେକ ସୁଫଳ ମିଳିବ ବୋଲି କହିଥିଲେ। ଫଳରେ ଏସ୍ଏଚ୍ ମହିଳାମାନେ ବୀମା ବାବଦକୁ ବାର୍ଷିକ ୫ରୁ ୭ ହଜାର ଟଙ୍କା ଜମା କରୁଥିଲେ। ମହିଳାଙ୍କ ଅଭିଯୋଗ ମୁତାବକ ବୀମାଭୁକ୍ତ ମହିଳାଙ୍କର କିମ୍ବା ତାଙ୍କ ସ୍ୱାମୀଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଲେ ସମ୍ପୃକ୍ତ ମହିଳା ଓ ପରିବାର ୩୦ ହଜାର ଟଙ୍କାର ବୀମା ରାଶି ପାଇବେ ଅଶ୍ୱିନୀ କହିଥିଲେ। କିନ୍ତୁ ଶାନ୍ତି ଏସ୍ଏଚ୍ଜିର ମଞ୍ଜୁଳା ଭତ୍ରା ଓ ଅଶାମଣି ପାଣିଙ୍କ ସ୍ୱାମୀଙ୍କ ବର୍ଷେ ହେବ ଦେହାନ୍ତ ହୋଇଥିବା ବେଳେ ବୀମା ରାଶି ଓ ଟଙ୍କା ବିଷୟରେ ମହାସଂଘର କୋଷାଧ୍ୟକ୍ଷଙ୍କୁ ପଚାରିବାରୁ ନାନା କଟୁକଥା କହୁଥିବା ଅଭିଯୋଗ କରିଛନ୍ତି। ଏଥିସହ ଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀକୁ ମହାସଂଘରୁ ବାଦ୍ ଦିଆଯାଇଥିବା ଏହାର ପରିଚାଳକ କହୁଛନ୍ତି। ଏ ନେଇ ଗ୍ରୁପ ସଭାପତି ଲକ୍ଷ୍ମୀ ଖରା, ସମ୍ପାଦିକା ସୁକାନ୍ତି କନ୍ଧପାନ, କୋଷାଧ୍ୟକ୍ଷା ଗୌତମୀ ବେହେରା, ସଦସ୍ୟା ସୁଶିଳା ଚେଟି, ଲକ୍ଷ୍ମୀ ପାଣି, ପୁଷ୍ପାଞ୍ଜଳି ନାୟକ, ପଦ୍ମା କନ୍ଧପାନ ଓ ସୁଲୋଚନା ପାଣି ପ୍ରମୁଖ ଏକ ପତ୍ର ମାଧ୍ୟମରେ କୋରାପୁଟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ଏକ କପି ମିଶନଶକ୍ତି ଜିଲା ପ୍ରୋଜେକ୍ଟ କୋଡ଼ିନେଟର(ଡିପିସି)ଙ୍କ ନିକଟକୁ ଡାକରେ ପଠାଇଛନ୍ତି। ଶାନ୍ତି ଏସ୍ଏଚ୍ଜିରେ ମୋଟ୍ ୧୪ଜଣ ସଦସ୍ୟା ଥିବା ବେଳେ ଜଣେ ଦୁଇଜଣଙ୍କୁ ଛାଡି ବାକି ସମସ୍ତେ ଅଶିକ୍ଷିତ। ସମ୍ପୃକ୍ତ ବ୍ୟକ୍ତି ସମସ୍ତଙ୍କୁ ଭୁଆଁ ବୁଲାଇ ପ୍ରତି ମହିଳା ପିଛା ୫୦୦ ଟଙ୍କା ଲେଖାଏ ୧୦ ବର୍ଷରେ ୭୦ ହଜାର ଟଙ୍କା ଆଦାୟ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏଭଳି ମହାସଂଘ ଗଠନ କରିବାକୁ ଅନୁମତି ଦେବା ଓ ଯଦି ବୀମା ବାବଦକୁ ଟଙ୍କା ଆଦାୟ କରାଯାଉଥିଲା ତାହେଲେ କୌଣସି ବୀମାରେ ଏହାକୁ ବିନିଯୋଗ କରାଯାଇ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ଏହାର ତଦନ୍ତ ହେବା ନିତାନ୍ତ ଆବଶ୍ୟକ ରହିଛି।

ଏ ସମ୍ପର୍କରେ ଡିପିସି ଅମ୍ରିତ ପାଢ଼ୀଙ୍କୁ ପଚାରିବାରୁ ସେ ମହିଳାଙ୍କ ପତ୍ର ପାଇଥିବା ଓ ଏ ନେଇ ସିଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି। ଏଥିସହ ସାସ୍ୱତି ମହିଳା ମହାସଂଘର ପଞ୍ଜୀକୃତ ମହାସଂଘ କି ନାହିଁ ତାହା ମଧ୍ୟ ଯାଞ୍ଚ କରିବେ। ତେବେ ମହିଳାଙ୍କ ଇନସ୍ୟୁରାନ୍ସ କରିବା କୌଣସି ନିୟମ ନାହିଁ ବୋଲି ସେ କହିଛନ୍ତି। ସୁନାବେଡା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ମହିଳା ଗ୍ରୁପ କିପରି ହେବ ଓ କେଉଁ କେଉଁ ଦସ୍ତାବିଜ ଆବଶ୍ୟକ ସେ ସବୁ ସୂଚନା ଦେବା ଆମର କାମ। କିନ୍ତୁ ମହାସଂଘରେ ଆମର ଭୂମିକା ନ ଥିବା କହିଛନ୍ତି।

ଇନସ୍ୟୁରାନ୍ସ ନାଁରେ ଠକିଥିବା ସାସ୍ୱତି ମହିଳା ମହାସଂଘ କୋଷାଧ୍ୟକ୍ଷ ତଥା ଟଙ୍କା ଆଦାୟ କରୁଥିବା ଅଶ୍ୱିନୀଙ୍କୁ ପଚାରିବାରୁ ସେ ଏପରି ଠକେଇକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ଅଭିଯୋଗ କରିଥିବା ମହିଳାମାନେ ୨ଟି ବ୍ୟାଙ୍କ୍‌ରେ ଖାତା ଖୋଲି ବେଆଇନ କାର୍ଯ୍ୟ କରୁଥିବାରୁ ତାଙ୍କୁ ୪ ବର୍ଷ ପୂର୍ବରୁ ମହାସଂଘରୁ ବାହାର କରାଯାଇଥିବା କହିଛନ୍ତି। ଏଥିସହ ସେ ମହାସଂଘର ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିବା ଓ ମହିଳାମାନଙ୍କଠାରୁ ଇନସ୍ୟୁରାନ୍ସ ନୁହେଁ ସଦସ୍ୟତା ବାବଦ ଟଙ୍କା ଆଦାୟ କରାଯାଇଥିବା ଓ ତାହାର ସୁବିଧା ମଧ୍ୟ ସେମାନେ ପାଇଛନ୍ତି ବୋଲି ସେ କହିଛନ୍ତି।


ଠକେଇ ଅଭିଯୋଗ ଆଣିଥିବା ଏସ୍ଏଚ୍ଜି ମହିଳାମାନେ।

## କୋରାପୁଟ ଟାଉନ ଥାନା ନୂତନ ଗୃହ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ଭି.କୀର୍ତ୍ତିଭାସନ ଓ ଅନ୍ୟ ଅଧିକାରୀମାନେ।

**କୋରାପୁଟ,୭।୩(ଅମିତାଭ ବେହେରା)**

କୋରାପୁଟ ସହରର ଗ୍ୟାରେଜ ଲାଇନ୍‌ରେ ନବନିର୍ମିତ ଟାଉନ ଥାନା ଗୃହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମୋଡ୍‌ରେ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପ୍ରାୟ ୪୨ କୋଟି ଟଙ୍କା ବ୍ୟୟରେ ମୋଟ୍ ୧୪ଟି ଅତ୍ୟାଧୁନିକ ଥାନା ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ଏଥିରେ କୋରାପୁଟ ଜିଲାର ଟାଉନ ଥାନା ଓ ସୁଙ୍କି ଥାନା ଅନ୍ତର୍ଭୁକ୍ତ। ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ରଘୁରାମ ମାଛ ଅତ୍ୟାଧୁନିକ ଗୃହର ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ସହରବାସୀ ସୁରକ୍ଷିତ ରହିବା ସହ ତାଙ୍କୁ ପୋଲିସ ପକ୍ଷରୁ ଉଚିତ ବ୍ୟବହାର ଓ ନ୍ୟାୟ ପ୍ରଦାନ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଜିଲାପାଳ ଭି. କୀର୍ତ୍ତିଭାସନ, ଅତିରିକ୍ତ ଏସ୍‌ପି ମନୋଜ କୁମାର ପୂଜାରୀ ଓ ମନୋବ୍ରତା ଶତପଥୀ, କୋରାପୁଟ ଏସ୍‌ଡିପିଓ ଶ୍ରାବଣୀ ନାୟକ, କୋରାପୁଟ ଜିଲା ଭାଜପା ସଭାପତି ଶିବ ମୁଦୁଲି ଓ ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୩ ମହଲା ବିଶିଷ୍ଟ ନୂତନ ଥାନାରେ ମୋଟ ୩୨ଗୃହ ରହିଛି। ତଳ ମହଲାରେ ଥାନା ଅଧିକାରୀ, ଦ୍ୱିତୀୟ ମହଲାରେ ଥାନାରେ ଉନ୍ନତମାନର ସଭାଗୃହ ହଲ୍‌ଠାରୁ ଆରମ୍ଭକରି ମହିଳା ଓ ପୁରୁଷଙ୍କ ପାଇଁ ଅପେକ୍ଷା ଗୃହ, ରୋଷେଇ ଗୃହ ଓ ଶୌଚାଳୟ ଆଦି ଅନେକ ସୁବିଧା ରହିଛି। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଏସ୍‌ପି ଶତପଥୀ,ଏସ୍‌ଡିପିଓ ନାୟକ ଓ କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ କୋରାପୁଟ ଡିଭିଜନର ପ୍ରକଳ୍ପ ପରିଚାଳକ ଗୌରାଙ୍ଗ କୁମାର ଜେନା ପରିଚାଳନା କରିଥିଲେ।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷକ ଓ ଅନ୍ୟମାନେ।

**ପଟ୍ଟାଙ୍ଗି,୭।୩(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ ଅଧୀନ ଗୁଗାଗୁଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ରାମକୃଷ୍ଣ ନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟକ୍ରମ ଆବାହକ ନରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ବିଧାୟକ ପ୍ରତିନିଧି ଅର୍ଜ୍ଜୁନ ବାଙ୍କା, ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍, ଜୋନ୍-୨ ଜିଲା ପରିଷଦ ସଭ୍ୟ ଲଇଚନ ଗେମେଲ, ସରପଞ୍ଚ ଦେବକୀ ଗଣ୍ଡ, ଏବିଇଓ ରଜନୀକାନ୍ତ ବଡ଼ନାୟକ ଓ ପିସିସି ସଭ୍ୟ ଗୁପ୍ତଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପାଠ ପଢ଼ି ମନରେ ଦୃଢ଼ ଲକ୍ଷ୍ୟ ରଖିବା ଆବଶ୍ୟକ ରହିଛି ବୋଲି ବିଡିଓ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପରିଶେଷରେ ବାର୍ଷିକ କ୍ରୀଡ଼ା ଯଥା କବାଡ଼ି, ରନିଂ, ହାଇ ଜମ୍ପ, ଲଙ୍ଗ୍ ଜମ୍ପ ଓ ଅଖାଡିଆଁ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ୩୦ରୁ ଉର୍ଦ୍ଧ୍ୱ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜିଲା ପରିଷଦ ସଭ୍ୟ ଖରା ବିଦ୍ୟାଳୟ ପାରିପାର୍ଶ୍ୱିକ ଉନ୍ନତୀକରଣ କରିବା ନେଇ ନିଜସ୍ୱ ପାଣ୍ଠିରୁ ୨ ଲକ୍ଷ ଅନୁଦାନ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଶିକ୍ଷକ ଖଗେଶ୍ୱର ମଣ୍ଡଳ, ଶିକ୍ଷୟିତ୍ରୀ ମଧୁସ୍ମିତା ପରିଡ଼ା, ଗେଷ୍ଟ ଶିକ୍ଷୟିତ୍ରୀ ଚନ୍ଦ୍ରିକା ଗୁଣ୍ଡା ଓ ମାଟ୍ରନ୍ ଶ୍ରୀଦେବୀ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁକାଲି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ସାହୁ ପରିଚାଳନା କରିଥିଲେ।

## ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ନେଇ ସଚେତନତା

**ଜୟପୁର,୭।୩(ପବନ ପାଣିଗ୍ରାହୀ)**

ଜୟପୁର ପୌର ସଭାଗୃହରେ ଟାଉନ ପୋଲିସ ପକ୍ଷରୁ ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ନେଇ ଏକ ସଚେତନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଉନ ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା ଓ ପୋଲିସ ଏସ୍ଆଇ ମନୀଷା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହରର ବୁଦ୍ଧିଜୀବିମାନଙ୍କୁ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ଉପରେ ସଚେତନ କରାଯାଇଥିଲା। ନୂତନ ଭାବେ ଯୋଗ ଦେଇଥିବା ଟାଉନ ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କୁ ପୌର ଅଧ୍ୟକ୍ଷ ମହାନ୍ତି ଓ ଉପାଧ୍ୟକ୍ଷ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଟାଉନ ପୋଲିସ ପକ୍ଷରୁ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍ଆଇ ସିଦ୍ଧାନ୍ତ ବେହେରା, ଏଏସ୍ଆଇ ରମେଶ ମହାପାତ୍ର ଓ ଦେବୀ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୌର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଅନ୍ୟ ଅଧିକାରୀମାନେ।

## ନୂତନ ମଡେଲରେ ସୁଙ୍କି ଥାନା ଉଦ୍‌ଘାଟିତ


କୋରାପୁଟ ଏସ୍‌ପି ରୋହିତ ବର୍ମା କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

**ପଟ୍ଟାଙ୍ଗି, ୭।୩(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ତଥା ଓଡିଶା ଆନ୍ଧ୍ର ସୀମାନ୍ତରେ ଥିବା ସୁଙ୍କି ଥାନା ପଣସମାନଗୁଡ଼ି ଗ୍ରାମ ନିକଟରେ ରହିଥିବା ସରକାରୀ ଜମିରେ ନିର୍ମିତ ହୋଇଥିବା ନୂତନ ମଡେଲ୍ ଧରଣର ଥାନାକୁ ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଏସ୍‌ଡିପିଓ ସୁମିତ୍ରା ଜେନା ଜନସାଧାରଣଙ୍କୁ ବୁଝାଇ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଏସ୍‌ପି ରୋହିତ ବର୍ମା, ସୁନାବେଡା ଏସଡିପିଓ ସୁମିତ୍ରା ଜେନା, ପଟ୍ଟାଙ୍ଗି ଥାନାଧିକାରୀ ଚତୁର୍ଭୁଜ ନାୟକ, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ବିଧାୟକ ପ୍ରତିନିଧି ଅର୍ଜ୍ଜୁନ ବାଙ୍କା ଓ ଗୁପ୍ତ ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଅନୁଯାୟୀ, ସୁଙ୍କି ଥାନା ଦଶନ୍ଧି ଧରି ପଞ୍ଚାୟତ କାର୍ଯ୍ୟାଳୟର ଏକ ଗୃହରେ ଫାଣ୍ଡି ଭାବେ ପରିଚାଳିତ ହୋଇ ଆସୁଥିଲା। ସୁଙ୍କିରେ ରହିଥିବା ସେଲଟ୍ୟାକ୍ସ କାର୍ଯ୍ୟାଳୟ ଉଠିଯିବା ପରେ ଉକ୍ତ ଫାଣ୍ଡି ୨୦୨୦ରେ ଥାନାର ମାନ୍ୟତା ପାଇଥିଲା। ଏହାପରେ ଜୁନ୍ ୧ରେ ଏହାର ପୁନରୁଦ୍ଧାର କରାଯାଇଥିଲା। ସେଲଟ୍ୟାକ୍ସ କାର୍ଯ୍ୟାଳୟର ଖାଲି ପଡିଥିବା ଗୃହରେ ୪ ବର୍ଷ ଯାଏ ଥାନା ପରିଚାଳିତ ହୋଇ ଆସୁଥିଲା। ସରକାରଙ୍କ ପକ୍ଷରୁ ସରକାରୀ ଜମି ଯୋଗାଇ ଦେବା ପରେ ୨୦୨୩ ଅଗଷ୍ଟ ୩୧ରୁ ଆରମ୍ଭ ହୋଇଥିବା ୨ କୋଟି ୬୪ ଲକ୍ଷ ୫୧ହଜାର ଟଙ୍କା ଅନୁଦାନରେ ନବ ନିର୍ମିତ ଗ୍ରାମାଞ୍ଚଳ ଥାନା ଜାନୁଆରୀରେ ଶେଷ ହୋଇଥିଲା। ନୂତନ ଥାନାରେ କର୍ମଚାରୀଙ୍କ ପାଇଁ କୌଣସି ରହିବା ବ୍ୟବସ୍ଥା ନ ଥିବା ବେଳେ କ୍ୱାଟରର ଆବଶ୍ୟକତା ରହିଛି। ସୁଙ୍କି ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ୍ଆଇ କେ. ସାଙ୍ଗାନା ଓ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ପଲିଥିନ ବ୍ୟବହାର ରୋକିବାକୁ ଚଢ଼ାଉ

**ସୁନାବେଡ଼ା,୭।୩(କୃତ୍ତିବାସ ପ୍ରଧାନ)**

ସୁନାବେଡ଼ା ଏଇଏଫ୍ ମାର୍କେଟରେ ପଲିଥିନ ବ୍ୟବହାର ରୋକିବା ନେଇ ପୌର ପ୍ରଶାସନ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ସହରର ଏକାଧିକ ଦୋକାନରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୫୦ କେଜିରୁ ଉର୍ଦ୍ଧ୍ୱ ପଲିଥିନ ଜବତ କରାଯାଇଥିଲା। ୧୩ ହଜାର ୫୦୦ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକ ସୂଚନା ଦେଇଛନ୍ତି। ବେଆଇନ ଭାବେ ପଲିଥିନ ବ୍ୟବହାରକୁ ତାଗିଦ କରାଯାଇଥିବା ସେ କହିଛନ୍ତି। ଏଥିରେ ଅତିରିକ୍ତ ନିର୍ବାହୀ ଅଧିକାରୀ ବି. ବିଭୁଦତ୍ତ ସାହୁ, ଟ୍ୟାକ୍ସ ଅଧିକାରୀ କେ. ଭି. ରାଓ, ସୁନାବେଡ଼ା ଥାନା ଓ ପୌର ପରିଷଦ କର୍ମଚାରୀମାନେ ସାମିଲ ରହିଥିଲେ। ପୌର ପରିଷଦ ଅଧୀନ ସମଗ୍ର ଅଞ୍ଚଳରେ ଆଗକୁ ଚଢ଼ାଉ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ନାୟକ ସୂଚନା ଦେଇଛନ୍ତି।


ପୌର ଅଧିକାରୀମାନେ ଦୋକାନଗୁଡ଼ିକରେ ଚଢ଼ାଉ କରୁଛନ୍ତି।

## ନାମାଙ୍କନପତ୍ର ଦାଖଲ ଶେଷ

**ଉମରକୋଟ, ୭।୩(ସନ୍ତୋଷ ଶତପଥୀ)**

**ଉମରକୋଟ ଆଇନଜୀବୀ ସଂଘ ନିର୍ବାଚନ**

ଉମରକୋଟ ଆଇନଜୀବୀ ସଂଘ ନିର୍ବାଚନ ପାଇଁ ଶୁକ୍ରବାର ପାର୍ଥିପତ୍ର ଦାଖଲ ଶେଷ ଦିନ ଥିଲା। ସଭାପତି ପଦବୀ ପାଇଁ ପ୍ରଶାନ୍ତ କୁମାର ସାହୁ ଓ ବିପିନ ହିଆଲ, ଉପସଭାପତି ପଦବୀ ପାଇଁ ବିଜୟଲତା ପାଣିଗ୍ରାହୀ ଓ ଭଗବାନ କଲାର ଶାନ୍ତନୁ କୁମାର ବାହିନୀପତି ଓ ସୁରେଶ କୁମାର ବେହେରା ସମ୍ପାଦକ, ସଞ୍ଜୟ କୁମାର ନାୟକ ଓ ସୁଧାଂଶୁ ସାଧୁ ସହ ସମ୍ପାଦକ, ଜିତେନ୍ଦ୍ର କୁମାର ମହାନ୍ତି କୋଷାଧ୍ୟକ୍ଷ ପଦବୀଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀଭାବେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଟ୍ଟନାୟକ ଦାୟିତ୍ୱ ତୁଲାଉଛନ୍ତି। ଆଇନଜୀବୀ ବିଜୟ କେତନ ସୁରେନ୍ଦ୍ର ସିଂ ଏଥିରେ ସହଯୋଗ କରୁଛନ୍ତି। ଶନିବାର ପ୍ରାର୍ଥୀମାନଙ୍କ ନାମ ପ୍ରକାଶ ପାଇବ।


ନାମାଙ୍କନପତ୍ର ଦାଖଲ କରାଯାଉଛି ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ମାର୍ଗଦର୍ଶିକା କାର୍ଯ୍ୟକ୍ରମ

**ଚନ୍ଦାହାଣ୍ଡି, ୭।୩(ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଳବେଡ଼ା ପଞ୍ଚାୟତ ସଦରସ୍ଥିତ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ଏକ ମାର୍ଗଦର୍ଶିକା କାର୍ଯ୍ୟକ୍ରମ କରାଯାଇଛି। ସ୍କୁଲର ସମସ୍ତ ଛାତ୍ରୀମାନଙ୍କୁ ଭବିଷ୍ୟତରେ ଅଧ୍ୟୟନ ସହ କିପରି ରୋଜଗାରକ୍ଷମ ହୋଇପାରିବେ ସେ ପରାମର୍ଶ ଦିଆଯାଇଛି। ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବସନ୍ତ ଷଡ଼ଙ୍ଗୀ(ଆୟୁଷ) ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜୟଶ୍ରୀ ସାମଲ, ଶାଶ୍ୱତୀ ପଣ୍ଡା, କୁନି ଧରୁଆ, ଶିକ୍ଷକ ମନକୁମାର ମାଳୀ, ଦେବେନ୍ଦ୍ରନାଥ ନାୟକ, ଶିକ୍ଷକ କୁମର ବାଘ, ଛନ୍ଦ୍ରିନ ସାହୁ, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କୁ ମାଟ୍ରିକ୍ ପରେ କ'ଣ ପଢିବେ, କେଉଁଠି ପଢିବେ, କିପରି ଆବେଦନ କରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ଥିବା ବିଦ୍ୟାଳୟରେ ମାଗଣାରେ ପଢି ପାରିବେ। ଆଇଟିଆଇର ବିଭିନ୍ନ ଟ୍ରେଡ୍ ଯେପରି ୱେଲ୍ଡିଂ, ଇଲେକ୍ଟ୍ରିକାଲ, ସିଲେଇରେ ପଢିପାରିବେ। ଯୁକ୍ତ୨ ପରେ ଏଏନ୍ଏମ୍, ଜିଏନ୍ଏମ୍ ଓ ଯୁକ୍ତ ୩ ପରେ ଡାକ୍ତରୀ, ଇଞ୍ଜିନିୟରିଂ, ଓକିଲାତି ଆଦି ପଢିପାରିବେ। ଦଶମ ଶ୍ରେଣୀ ଛାତ୍ରୀଙ୍କ ଅଭିଭାବକମାନଙ୍କୁ ଛାତ୍ରୀମାନଙ୍କ ପାଠ ପଢା ଜାରି ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ପାପଡ଼ାହାଣ୍ଡି, ୭।୩ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ମୈଦଲପୁର ଥାନା ପିତାରୀଗୁଡ଼ା ଓ ରଣ୍ଡାଗୁଡ଼ା ଦେଇ ଯାଇଥିବା ରାସ୍ତାରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାପଡ଼ାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ପାଇକକୋଟ୍ରା ଗ୍ରାମର ମନବଧ ପୂଜାରୀ। ସୂଚନାନୁଯାୟୀ ଗୁରୁବାର ସନ୍ଧ୍ୟାରେ ମନବଧ ସମ୍ପର୍କୀୟଙ୍କ ବିବାହରରେ ଯୋଗଦେବାକୁ କୁଚା ଗ୍ରାମକୁ ଯାଇଥିଲେ। ସେଠାରୁ ରାତି ପ୍ରାୟ ୮ଟାରେ ଫେରିବାବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ଦେଖି ପରିବାରକୁ ଖବରଦେଇଥିଲେ। ମୃତକଙ୍କ ଭାଇ ଧନସିଂ ମୈଦେଲପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୈଦେଲପୁର ଥାନା ଏଏସ୍ଆଇ କମଳଲୋଚନ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କେସ ନଂ ୧୮/୨୫ରେ ମାମଲା ରୁଜୁ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ

**କୋରାପୁଟ, ୭।୩(ଅମିତାଭ ବେହେରା)**

ମାର୍ଚ୍ଚ ୨୯ରେ ହେବାକୁ ଥିବା କୋରାପୁଟ ଓକିଲ ସଂଘର ନିର୍ବାଚନ ପାଇଁ ଶେଷଦିନ ସୁଦ୍ଧା ନିର୍ବାଚନ ଅଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ନିକଟରେ ୧୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୫ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସଂଘର ସଭାପତି, ଉପସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ଗୋଟିଏ ଗୋଟିଏ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ୮ଜଣ କାର୍ଯ୍ୟକାରୀ ସମିତି ସଭ୍ୟଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଅଧିକାରୀ ପଟ୍ଟନାୟକ କହିଛନ୍ତି। ସଭାପତି ପାଇଁ ମନୋରଞ୍ଜନ ରାଉତରାୟ, ପ୍ରଭାତ କୁମାର ମହାପାତ୍ର, ଟି.ପି ସାଇରାଜୁ ଓ ଅଜିତ କୁମାର ପାତ୍ର ନାମାଙ୍କନ ଦାଖଲ କରିଛନ୍ତି। ଉପସଭାପତି ପାଇଁ କୃଷ୍ଣଚନ୍ଦ୍ର ସାଁ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ସମ୍ପାଦକ ପାଇଁ ସୁନୀଲ କୁମାର ଜେନା ଓ ସୁବାଷ ଚନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପାଇଁ କାମାକ୍ଷା ପ୍ରସାଦ ମାଝୀ ଏବଂ ବିଦ୍ୟାଧର ସାହୁ ନାମାଙ୍କନ ଦାଖଲ କରିଛନ୍ତି। ସଞ୍ଜୀବ କୁମାର ଜେନା, ଲିଙ୍ଗରାଜ ବେହେରା ଓ ନଳିନୀକାନ୍ତ ସେନାପତି କାର୍ଯ୍ୟକାରୀ ସମିତି ସଦସ୍ୟ ୮ପଦବୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ମାର୍ଚ୍ଚ ୯ରେ ନାମାନଙ୍କ ପତ୍ର ଯାଞ୍ଚ ହେବ ଓ ୧୦ତ୍‌ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି।


ନିର୍ବାଚନ ଅଧିକାରୀଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରାଯାଉଛି।

## ଝାମିଯାତ୍ରା ପାଇଁ ଉତ୍ସବମୁଖର ଜୟପୁର

**ଜୟପୁର, ୭।୩(ପବନ ପାଣିଗ୍ରାହୀ)**

ଝାମିଯାତ୍ରା ପାଇଁ ଜୟପୁର ଉତ୍ସବ ମୁଖର ହୋଇଛି। ଯାତ୍ରାରେ ସୀରଲୀ ଦେବୀଙ୍କୁ ପୂଜା କରାଯାଉଥିବା ବେଳେ ଶିବରାତ୍ରଠାରୁ ଯାତ୍ରା ପ୍ରସ୍ତୁତି ଆରମ୍ଭ କରାଯାଏ। ଶିବରାତ୍ରରେ ଶିବ ମନ୍ଦିରରେ ପୂଜା କରାଯାଇ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଏ। ଗୋଟିଏ ବାଳକକୁ ହଳଦି ଲଗାଯାଇ ସାଜସଜ୍ଜା ପରେ ବାଜା ବଜାଇ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରାଯାଇଥାଏ। ବସନ୍ତ ଋତୁ ସରିବା ପରେ ବସନ୍ତ, ହାଡଫୁଟି, ମିଳିମିଳା, କାଛୁ ଓ କୁଣ୍ଡିଆ ଆଦି ମାରାତ୍ମକ ରୋଗରୁ ମୁକ୍ତି ପାଇବା ବିଶ୍ୱାସ ନେଇ ଜୟପୁରରେ ଝାମିଯାତ୍ରା ପାଳନ ହେଉଛି। ଲୋକଙ୍କ ବିଶ୍ୱାସ ଓ ପରମ୍ପରାକୁ ନେଇ ଯାତ୍ରା ପାଳନ କରାଯାଉଛି। ଫାଲଗୁନ ମାସ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ଶୁକ୍ରବାର ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠରେ ଅସ୍ଥାୟୀ ଭାବେ ଏକ ମଣ୍ଡପ କରାଯାଇ ପୂଜା କରାଯାଉଛି। ଯାତ୍ରାରେ ବ୍ୟବସାୟୀମାନେ ଚଣା, ସାକରା ଓ ମୁଢିବିକ୍ରି କରିବା ପରମ୍ପରା ରହିଛି। ଶିବରାତ୍ରରେ ମହାଦେବଙ୍କ ଦର୍ଶନ କରିବା ପରେ ସ୍ଥାନୀୟ ପୂଜକ ପରିବାର ବାଜା ଓ ଫୁଲ ଚାଙ୍ଗୁଡି ଧରି ସହରର ସାହି ସାହିରେ ହଳଦୀ ଓ ନିମ୍ବପତ୍ର ଭଗବାନଙ୍କ ଆର୍ଶୀବାଦ ଭାବେ ବାଣ୍ଟିଥାନ୍ତି। ଏହାକୁ ମୁଣ୍ଡରେ ଟିକା ଭାବେ ଲଗାଇବା ଦ୍ୱାରା ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। ବଦଳରେ ଭକ୍ତମାନେ ଚାଉଳ, ପନିପରିବା ଓ ଟଙ୍କା ସେହି ଚାଙ୍ଗୁଡିରେ ଦେଇଥାନ୍ତି। ଶୁକ୍ଳ ପକ୍ଷ ନବମୀରେ ଝାମିଦେବୀଙ୍କୁ ଗୋପବନ୍ଧୁ ନଗରସ୍ଥିତ ପୂଜକଙ୍କ ଘରୁ ପୀଠରୁ ଡାମ୍ପ ବାଜା ବଜାଇ ଅଣାଯାଇ ଅସ୍ଥାୟୀ ଭାବେ ସ୍ଥାପନ କରାଯାଇଥାଏ। ଫୁଲ ଝାଡୁ, କୁକୁଡା ଅଣ୍ଡା, ନଡିଆ, କଦଳୀ ଓ ଫୁଲ ଦେବୀଙ୍କୁ ଭକ୍ତ ସମର୍ପଣ କରିଥାନ୍ତି। ମହାଶିବରାତ୍ର ପରଠାରୁ ୧୦ ଦିନରେ ଝାମି ଯାତ୍ରା ହୋଇଥାଏ। ଏହି ଯାତ୍ରା ଜୟପୁରରେ ରଜା ରାଜୁଡା ଅମଳରୁ ଆରମ୍ଭ ହୋଇଥିବା ବେଳେ ଲୋକଙ୍କ ଭିଡ଼ ଜମିଥାଏ। ବାଜାରେ ଥିବା ଏକ ସ୍ୱତନ୍ତ୍ର ତାଳ ଶୁଣିବା ମାତ୍ରେ ସାହିର ଲୋକମାନେ ଝାମି ଦେବୀଙ୍କ ଆଗମନ ହୋଇଥିବା ଜାଣିଥାନ୍ତି। ସେମାନେ ଥାଳିରେ ଚାଉଳ, ଟଙ୍କା, ହଳଦୀ ଓ ଫଳ ନେଇ ଦାନ ଚାଙ୍ଗୁଡିରେ ପକାଇଥାନ୍ତି। ଶୋଭାଯାତ୍ରାରେ ଯାହା ସବୁ ମିଳେ ସନ୍ଧ୍ୟାରେ ତାହା ପୂଜାରେ ଲାଗିଥାଏ ଓ ବଳକା ସାମଗ୍ରୀ ନବମୀ ଦିନ ପୂଜା ପାଇଁ ରଖାଯାଏ। ଏହି ପୂଜା ପାଇଁ ତେଲୁଗୁ ସମ୍ପ୍ରଦାୟର ସହ ଅନ୍ୟମାନଙ୍କ ଭିଡ ଜମିଥାଏ। ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଆଦି ସ୍ଥାନରୁ ଭକ୍ତ ଯାତ୍ରା ଦେଖିବାକୁ ଆସିଥାନ୍ତି। ପରେ ରାତି ୧୨ଟାରେ ପରମ୍ପରା ଅନୁଯାୟୀ ଲାଲ ଘରକୁଯାଇ ଝାମିଦେବୀ ପୀଠକୁ ଫେରିଥାନ୍ତି। ସୀରଲୀ ଦେବୀଙ୍କ ଦର୍ଶନ କରି ମୁହା ଓ ରାଶି ଖଜା ଆଦି କ୍ରୟ କରିବା ନିୟମ ରହିଛି।


ପୀଠରେ ଝାମୁ ଦେବୀଙ୍କ ପୂଜା ଅର୍ଚ୍ଚନା କରାଯାଉଛି।

**ମାରାତ୍ମକ ରୋଗରୁ ମୁକ୍ତି ମିଳୁଥିବା ରହିଛି ବିଶ୍ୱାସ**

